visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.309 Bhubaneswar Wednesday January 25 2023 | ୨୫ତମ ବର୍ଷ | ସଂଖ୍ୟା–୩୦୯ | ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS



ନବୀନ ନିବାସରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟର ଏକ ପ୍ରତିନିଧିମଣ୍ଡଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ୍ ଆଲୋଚନା । ୫ଟି ସଚିବ ବି.କେ. ପାଣ୍ଡିଆନ ଉପସ୍ଥିତ

## ସବୁ ପଂଚ଼ାୟତରେ ବ୍ୟାଙ୍କିଙ୍ଗ ସୁବିଧା: କେନ୍ଦ୍ର କହିଲା ରାଜ୍ୟ ନିଜେ କରୁ, ଓଡିଶା ଦେଉନି ତଥ୍ୟ

ଭୁବନେଶ୍ୱର, ୨୪।୧(ପି.ଏନ): ରାଜ୍ୟର ସବୁ ପଂଚ଼ାୟତରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ କରିବା ପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରି ଆସୁଥିବା ଓଡିଶା ସରକାର ଏବେ ନିଜ ଜାଲରେ ନିଜେ ଫସିଯାଇଛନ୍ତି । ବ୍ୟାଙ୍କିଙ୍ଗ ସୁବିଧା ନଥିବାର ଆଳ ଦେଖାଇ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ଡିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ଦେବାରେ ଟାଳଟୂଳ ନୀତି ଅବଲମ୍ବନ କରୁଥିବା ଓଡିଶା ନିଜେ ରାଜ୍ୟର ସମସ୍ତ ପଂଚ଼ାୟତରେ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ କରାଇବ । ନିଜର ସମବାୟ ବ୍ୟାଙ୍କଗୁଡ଼ିକର ଶାଖା ଖୋଲି ସାଧାରଣ ଲୋକଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦେବେ । ଜୋନାଲ କାଉନସିଲ ବୈଠକ ଓ ତା'ର ଷ୍ଟାଣ୍ଡିଂ କମିଟିର ନିଷ୍ପତ୍ତି ଅନୁସାରେ ରାଜ୍ୟଗୁଡ଼ିକ ନିଜର ବ୍ୟାଙ୍କିଙ୍ଗ ସୁବିଧା ନଥିବା ପଂଚ଼ାୟତରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ କରାଇବେ । ମିଳିଥିବା ସୂଚ଼ନା ଅନୁସାରେ, ରାଜ୍ୟ ସରକାରଙ୍କୁ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଉପସଚ଼ିବ କୁମାର ରାମ କ୍ରିଷ୍ଣା ଚ଼ିଠି ଲେଖି ସମସ୍ତ ଗାଁର ୫ରୁ ୧୦କିମି ଅଂଚ଼ଳ ପରିସୀମାରେ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ କରାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ଜୁଲାଇ ମାସରେ ଆନ୍ତଃରାଜ୍ୟ ପରିଷଦ ବୈଠକରେ ଯେଉଁ ଆହ୍ୱାନ ଦେଇଥିଲେ ଓ ପରବର୍ତ୍ତୀ ସମୟରେ ଜୋନାଲ ପରିଷଦ ବୈଠକଗୁଡିକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଥିଲା ସେହି ଆଧାରରେ ରାଚ଼୍ୟ ସରକାରମାନେ ନିଜ ନିଜର ସମବାୟ ବ୍ୟାଙ୍କ ମାଧ୍ୟମରେ ବ୍ୟାଙ୍କିଙ୍ଗ ସୁବିଧା ନଥିବା ଗାଁଗୁଡିକର ୫କିମି ବ୍ୟାସାର୍ଦ୍ଧ ଅଂଚ଼ଳରେ ଏହି ବ୍ୟାଙ୍କର ଶାଖା ଅବା କାଉଂଟର ଖୋଲିବାର ସମ୍ଭାବନା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ବ୍ୟାଙ୍କ ଶାଖା ଓ କାଉଂଟର ଖୋଲି ତା'ର ସବିଶେଷ ତଥ୍ୟ ଦେବାକୁ ଅନୁରୋଧ କରିଥିଲେ । ଏହାପରେ ପ୍ରାୟ ଦୁଇମାସ ପରେ ନଭେମ୍ବର ୨୯ତାରିଖରେ ପୁଣିଥରେ ଏହି ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ କରାଇବାର ସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାର ରିପୋର୍ଟ ମାଗିଥିଲେ । ରାଜ୍ୟ ସରକାର ଏହି ଚ଼ିଠି ଉପରେ କିଛି ପଦକ୍ଷେପ ନନେଇ ଚ଼ୁପ୍ ବସିଯାଇଥିଲେ । କିନ୍ତୁ କେନ୍ଦ୍ର ସରକାରଙ୍କ ତାଗିଦ୍ ପରେ ଚ଼ଳିତମାସରେ ଏନେଇ ପ୍ରକ୍ରିୟା ଆରମ୍ଭ କରିବା ସହ ରାଜ୍ୟ ସମବାୟ ବ୍ୟାଙ୍କକୁ ରାଜ୍ୟରେ ବ୍ୟାଙ୍କିଙ୍ଗ ସୁବିଧା ନଥିବା ଗାଁ ଗୁଡିକର ୫କିମି ବ୍ୟାସାର୍ଦ୍ଧ ପରିମିତ ଅଂଚ଼ଳରେ ବ୍ୟାଙ୍କିଙ୍ଗ ଶାଖା କିମ୍ବା କାଉଂଟର ଖୋଲିବା ନିମନ୍ତେ ପଦକ୍ଷେପ ନେବାକୁ ରାଜ୍ୟ ସରକାର କହିଛନ୍ତି । ତେବେ କେନ୍ଦ୍ର ସରକାର ବାରମ୍ବାର ମାଗିବା ସତ୍ତ୍ୱେ ବି ରାଜ୍ୟ ସରକାର ଏ ସଂକ୍ରାନ୍ତ ତଥ୍ୟ ଦେଇନଥିବା ଜଣାପଡିଛି ।




## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ସ୍ୱଦେଶୀ ମୋବାଇଲ ଅପରେଟିଂ ସିଷ୍ଟମର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୧(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ସ୍ୱଦେଶୀ ମୋବାଇଲ ଅପରେଟିଂ ସିଷ୍ଟମ – "ଭାରତ ଅପରେଟିଂ ସିଷ୍ଟମ" ର ପରୀକ୍ଷଣ ସଫଳ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ଆଇଆଇଟି ମାଡ୍ରାସର ସଫଳ ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଦେଶରେ ସଶକ୍ତ, ସ୍ୱଦେଶୀ ଏବଂ ଆତ୍ମନିର୍ଭର ଭାରତର ଡିଜିଟାଲ ଭିତ୍ତିଭୂମିକୁ ପୂରଣ କରିବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ । ଏକ ସୁଦୃଢ଼, ସ୍ୱଦେଶୀ, ନିର୍ଭରଯୋଗ୍ୟ ଏବଂ ଆତ୍ମନିର୍ଭର ଡିଜିଟାଲ ଭିତ୍ତିଭୂମିର ଲାଭାର୍ଥୀ ଦେଶର ସାଧାରଣ ନାଗରିକମାନେ ପାଇବେ । ସରକାରଙ୍କ ପଦକ୍ଷେପ ସହ ନୀତି ନିର୍ଦ୍ଧାରକଙ୍କୁ ପ୍ରୋତ୍ସାହନ ଦେବା, ପ୍ରଧାନମନ୍ତ୍ରୀ ମୋଦିଙ୍କ ଭିଜନରେ ଏହା ଏକ ପରୀକ୍ଷାମୂଳକ ପଦକ୍ଷେପ । ଡାଟା ପ୍ରାଇଭେସି ଦିଗରେ ଭାରତ ଅପରେଟିଂ ସିଷ୍ଟମ ଏକ ସଫଳ ଶୁଭାରମ୍ଭ । ପ୍ରଧାନମନ୍ତ୍ରୀଙ୍କ ନୀତି ଓ ଦୂରଦୃଷ୍ଟି ଆଧାରରେ ଆଇଆଇଟି ମାଡ୍ରାସ ଦ୍ୱାରା ବିକଶିତ ଭାରତ ଅପରେଟିଂ ସିଷ୍ଟମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ । ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ନବରଙ୍ଗପୁରରୁ ଦୁଇ ଦୁର୍ଦ୍ଧାନ୍ତ ମାଓବାଦୀ ଗିରଫ

ନବରଙ୍ଗପୁର, ୨୪।୧(ପି.ଏନ): ନବରଙ୍ଗପୁର ଜିଲାର ରାଇଘର ମାଓଅଧ୍ୟୁଷିତ ହାତୀଗାଁ ସଂରକ୍ଷିତ ଜଙ୍ଗଲରୁ ଦୁଇଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ଗିରଫ କରାଯାଇଛି । ଗିରଫ ମହିଳା ମାଓବାଦୀ ହେଲେ ପୂଜି ମାଣ୍ଡଭି ଏଲିଆସ ଅନୀତା( ୨୫) ଓ ମିଲେସିଆ ସମୁଦ୍ରା ବାଘ (୩୩) ଏସଓଜି , ଡିଭିଏଫ ଓ ସିଆରପିଏଫର ମିଳିତ କମ୍ବିଂ ଅପରେସନରେ କରିବାରେ ସଫଳତା ମିଳିଛି । ପୁଲିସ ରିଜର୍ଭ ମୁଖ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଦକ୍ଷିଣ ପଂଚିମାଂଚଳ ଡିଆଇଜି ରାଜେଶ ପଣ୍ଡିତ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଜିଲା ପୁଲିସ କୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା ଯେ, ରାଇଘର ସଂରକ୍ଷିତ ଜଙ୍ଗଲର କୁସୁମପୁର ଅଂଚଳରେ ସାଦା ପୋଷାକରେ ଦୁଇ ସନ୍ଦିଗ୍ଧ ବୁଲାବୁଲି କରୁଛନ୍ତି । ଏହି ସୂଚନା ପାଇବା ପରେ ଆଜି ଅର୍ଥାତ ମଙ୍ଗଳବାର ଭୋରୁ ୫ଟାରେ ଏଓଜି, ଡିଭିଏଫ ଓ ସିଆରପିଏଫ ମିଳିତ କମ୍ବିଂ ବେଳେ ଏହି ସନ୍ଦିଗ୍ଧ ଦୁଇଜଣ ଧରାପଡିଥିଲେ । ପରେ ସେମାନେ ଦୁଇଜଣ ମାଓବାଦୀ ବୋଲି ଜଣା । ପଡିଥିଲା ଓ ପୋଲିସ ସେମାନଙ୍କୁ ଗିରିଫ କରିଥିଲା । ସେ କହିଛନ୍ତି ଯେ ଗିରଫ ଦୁର୍ଦ୍ଧାନ୍ତ ମହିଳା ମାଓବାଦୀ ହେଉଛନ୍ତି ପୂଜା ମାଣ୍ଡଭି ଓରଫ ଅନୀତାଙ୍କ ଘର ଛତିଶଗଡର ସୁକମା ଜିଲାରେ । ସେ ଜଣେ ଦୁର୍ଦ୍ଧାନ୍ତ ମାଓକ୍ୟାଡର ସେ ମୁଖ୍ୟତ ମୈନପୁର ଡିଭିଜନର ନୂଆପଡା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ କାମ କରୁଥିଲା । ୨୦୧୦ରେ ମାଓବାଦୀ ପାର୍ଟିରେ ଯୋଗଦେଇଥିଲା । କଳାହାଣ୍ଡି, ନୂଆପଡା, ଛତିଶଗଡ ରାଜ୍ୟର ଗରିଆବନ୍ଧ, ନବରଙ୍ଗପୁର ରାଇଘରର ପୋଷ୍ଟର ସମେତ ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସକ୍ରିୟ ଭୁମିକା ରହିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସମୁଦ୍ରା ବାଘ ର ଘର ନୂଆପଡା ଜିଲାର ସିନାପାଲି ଥାନା ଅଂଚଳର । ୨୦୧୭ର ସମୁଦ୍ରା । ବାଘ ମୈନପୁର ଡିଭିଜନ ନୂଆପଡାରେ ଯୋଗଦେଇଥିଲା ।

## କନଷ୍ଟେବଲ୍ ନିଯୁକ୍ତି ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ଆବେଦନକାରୀଙ୍କ ବୟସ ୪ ବର୍ଷ କୋହଳ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୧(ପି.ଏନ): ଓଡିଶା ପୁଲିସ୍ କନଷ୍ଟେବଲ ନିଯୁକ୍ତି ପାଇଁ ସର୍ବାଧିକ ବୟସସୀମାକୁ ଆଉ ୪ ବର୍ଷ ପାଇଁ ବୃଦ୍ଧି କଲେ ଓଡିଶା ହାଇକୋର୍ଟ । ତେବେ ଗତ ଡିସେମ୍ବର ୩୦ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ପାଇଁ ଏହି କୋହଳ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । କୋର୍ଟଙ୍କ ଏହି ନିର୍ଦ୍ଦେଶ ଆଧାରରେ ଆସନ୍ତା ୩୦ ତାରିଖ ସୁଦ୍ଧା ସଂଶୋଧିତ ବିଜ୍ଞପ୍ତି ପ୍ରକାଶ କରିବାକୁ ଜଷ୍ଟିସ୍ ? ଆଦିତ୍ୟ ମହାପାତ୍ରଙ୍କ ଖଣ୍ଡପୀଠ କହିଛନ୍ତି । ସେହିପରି ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ?ରେ ଆସନ୍ତା ଫେବୃଆରୀ ୧୦ ତାରିଖ ଯାଏଁ ଆବେଦନ ଗ୍ରହଣ କରିବା ସହ ସେହି ମାସ ୨୦ ତାରିଖରେ ପରୀକ୍ଷା କରିବାକୁ କୋର୍ଟ କହିଛନ୍ତି । ଗତ ଡିସେମ୍ବର ୩୦ ତାରିଖରେ ୪୭୯୦ଟି ଓଡିଶା ପୁଲିସ କନଷ୍ଟେବଲ ପଦବୀ ପାଇଁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେହି ସମାନ ପଦବୀ ପାଇଁ ଶେଷ ଥର ୨୦୧୮ ମସିହାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କରୋନା କାରଣରୁ ୪ ବର୍ଷ ଧରି କନଷ୍ଟେବଲ ନିଯୁକ୍ତି ହୋଇନଥିଲା ।

## ୧ ଲକ୍ଷ ୨୦ ହଜାର ଟଙ୍କା ଠକେଇ ଅଭିଯୋଗ

ଗଞ୍ଜାମ, ୨୪।୧(ପି.ଏନ): ବ୍ରହ୍ମପୁର ଆମ୍ବପୁଆରେ ରହୁଥିବା ଜଣେ ମହିଳାଙ୍କ ନିକଟକୁ ଗତ ମାସ ୨୪ ତାରିଖରେ ଜଣେ ଅଜଣା ଯୁବକ ଫୋନ୍ କରିଥିଲା । ଏକ ନିର୍ଦ୍ଦିଷ୍ଟ ଅନ୍ ଲାଇନ୍ ସାମଗ୍ରୀ କିଣାବିକା ସଂସ୍ଥାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ନିଜର ପରିଚୟ ଦେଇଥିଲା । ପୂର୍ବରୁ ମହିଳା ଜଣକ ସେହି ସଂସ୍ଥା ଜରିଆରେ କିଛି ସାମଗ୍ରୀ ଅନ୍ ଲାଇନ୍ ରେ ମଗାଇଥିଲେ । ଏଣୁ ସେ ସନ୍ଦେହ କରିବାର ଅବକାଶ ନଥିଲା । ୫୦୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କିଣିଲେ ମାଗଣା ଉପହାର ଯୋଜନା ଥିବା ନେଇ ଫୋନ୍ କରିଥିବା ବ୍ୟକ୍ତି ଜଣକ କହିଥିଲେ । ଫଳରେ ମହିଳା ଜଣକ କିଛି ସାମଗ୍ରୀ କିଣିବା ପାଇଁ ଟଙ୍କା ପଠାଇଥିଲେ ।

## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍

ଚମ୍ପୁଆ, ୨୪।୧(ପି.ଏନ): ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ କୁ ଆସିବେ କାୟାକଳ୍ପ ଟିମ ତେଣୁ ଡାକ୍ତରଖାନା କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଖୁସ କରିବେ ବୋଲି ଦୁଇ ଦିନ ପୂର୍ବରୁ ବେସରକାରୀ ବିଦ୍ୟାଳୟରୁ ଅଣାଯାଇଥିବା ଫୁଲ କୁଣ୍ଡରେ ଡାକ୍ତରଖାନା ପରିସରକୁ ସଜାଇବାକୁ ଯଥାସାଧ ଉଦ୍ୟମ କରି ସଫଳ ହୋଇଥିଲେ ମଧ କାୟାକଳ୍ପ ଟିମ ନଜରରୁ ବର୍ତୀପାରି ନଥିଲା ଏ ଯାକଜମକ ଦୃଶ୍ୟ । ସୂଚନା ଅନୁଯାୟୀ, ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ଗସ୍ତରେ ଆଜି କାୟାକଳ୍ପ ଟିମର ଏକ ପ୍ରତିନିଧି ଦଳ ଆସି ଫେରି ଯାଇଥିବା ଜଣାପଡିଛି । ଏହି ଟିମରେ ଡ଼ଃ ମୁରଲୀଧର ପାଢ଼ୀ, ଅତିରିକ୍ତ ନିର୍ଦ୍ଦେଶକ ଏମ ଏଚ ବାଲ ଚନ୍ଦ୍ର ବିଏଲ ନର୍ସିଂ କାନ୍ସଲଟାଂଟ ଓ ଡ଼ଃ ଅନିଲ ପଟ୍ଟନାୟକ ଆଜି ଚମ୍ପୁଆ ଡାକ୍ତରଖାନା ଗସ୍ତରେ ଆସିଥିବାବେଳେ ଏହି ଟିମକୁ ଆକୃଷ୍ଟ କରିବା ଲକ୍ଷରେ ଚମ୍ପୁଆ ଚିକିତ୍ସାଳୟ କର୍ତ୍ତୃପକ୍ଷ ଯଥାସାଧ ପ୍ରଚେଷ୍ଟା କରିଥିବା ଦେଖିବାକୁ ମିଳିଥିଲା । ଡାକ୍ତରଖାନା କର୍ତ୍ତୃପକ୍ଷ, ଡାକ୍ତର, କର୍ମଚାରୀ ସମସ୍ତେ ମିଳି ମିଶି ରାତାରାତି ଡାକ୍ତରଖାନା ପରିସରକୁ ପରିଷ୍କାର କରି ରଙ୍ଗମାରି ଏକ ବେସରକାରୀ ବିଦ୍ୟାଳୟରୁ ଫୁଲ କୁଣ୍ଡ ଆଣି ଡାକ୍ତରଖାନାକୁ ସଜବାଜ କରି ଟିମ ସଦସ୍ୟଙ୍କୁ ସନ୍ତୁଷ୍ଟ କରିବାପାଇଁ ସଜାଗ ରହିଥିଲେ କ୍ଷ କାୟାକଳ୍ପ ଟିମ ଡାକ୍ତରଖାନା ପରିସରରେ ପ୍ରବେଶ କରିବା ପରେ ଡାକ୍ତରଖାନାର ସାଜସଜାକୁ ନେଇ ସନ୍ଦେହ ପ୍ରକଟ କରି ଫୁଲ କୁଣ୍ଡ ବିଷୟରେ ତଥ୍ୟ ନେଇଥିଲେ ।

## ଏନ୍.ଟି.ପି.ସି. ତାଳଚେର ଥର୍ମାଲରୁ ଛଟେଇ ହୋଇଥିବା ଶ୍ରମିକମାନଙ୍କ ପୂନଃ ନିଯୁକ୍ତି ପାଇଁ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି



ଭୁବନେଶ୍ୱର, ୨୪।୧(ପି.ଏନ): ଆଜି ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି ତଥା ଓଡ଼ିଶା ଶାଖାର ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦ ଙ୍କ ନେତୃତ୍ୱରେ ଜାତୀୟ ସାଙ୍ଗଠନିକ ସମ୍ପାଦକ ତଥା ରାଜ୍ୟ ଉପସଭାପତି ମଦନ ମୋହନ ଧଳ ଓ ରାଜ୍ୟ ଯୁବସଭାପତି ବିଷ୍ଣୁ ମୋହନ ରଥ ଏନ୍.ଟି.ପି.ସିର ନିର୍ଦ୍ଦେଶକ ମାନବ ସମ୍ବଳ ଏବଂ ନିର୍ଦ୍ଦେଶକ ପ୍ରକଳ୍ପ ଙ୍କୁ ସାକ୍ଷାତ କରି ଛଟେଇ ହୋଇଥିବା ଠିକା ଶ୍ରମିକ ମାନଙ୍କ ପୁନଃ ନିଯୁକ୍ତି ସମ୍ବନ୍ଧରେ ଆଲୋଚନା କରିଥିଲେ । ଉଚ୍ଚନ୍ୟାୟାଳୟଙ୍କ ଏ ସମ୍ବନ୍ଧରେ ନିଷ୍ପତି ଅନୁସାରେ ଆଇନ ଅନୁଯାୟୀ ଛଟେଇ ଶ୍ରମିକ ମାନଙ୍କୁ କ୍ଷତିପୂରଣ ସହିତ ନୂତନ ପ୍ରକଳ୍ପରେ ପନଃ ନିଯୁକ୍ତି ପାଇଁ ଡଃ ଖୁଣ୍ଟିଆ ପ୍ରସ୍ତାବ ଦେଇଥିଲେ । ଦୀର୍ଘ ଦେଢ଼ ବର୍ଷ ହେଲା ଠିକା କର୍ମଚାରୀମାନେ ଦରମା ନ ପାଇ ଅର୍ଥ ଅଭାବରୁ ଦହଗଞ୍ଜ ହେଉଛନ୍ତି ଏବଂ ମୁଖ୍ୟତଃ ସେମାନେ ଉଚ୍ଚ ଅଭିଜ୍ଞତା ସମ୍ପର୍ଣ୍ଣ ଓ ପ୍ରାପ୍ତ ବୟସ୍କ ବ୍ୟକ୍ତି ହୋଇଥିବାରୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା ପାଇଁ ଆଲୋଚନା ହୋଇଥିଲା । ନିର୍ଦ୍ଦେଶକ ମାନବ ସମ୍ବବ ଏ ବାବଦରେ ତୁରନ୍ତ ପଦକ୍ଷପେ ନେବା ପାଇଁ ପ୍ରକଳ୍ପ ଅଧିକାରୀଙ୍କ ସହିତ ଆଲୋଚନା କରି ନିଷ୍ପତି ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ନିର୍ଦ୍ଦେଶକ ପ୍ରକଳ୍ପ ଉକ୍ତ ନିର୍ମାଣ କାର୍ଯ୍ୟ ଯୋଗୁଁ ହେଉଥିବା ଛୋଟ ଛୋଟ କାମରେ ସ୍ଥାନୀୟ ଯୁବକମାନଙ୍କୁ ଅଗ୍ରାଧିକାର ଭିତିରେ ଠିକା କାମ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ପ୍ରସ୍ତାବିତ ବାଇପାସ୍ ରୋଡରେ ଆଲୋକିକରଣ, ନବୀକରଣ ତଥା ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ପ୍ରକଳ୍ପ ଅଧିକାରୀମାନଙ୍କ ସହିତ ଆଲୋଚନା କଲେ । ଡଃ ଖୁଣ୍ଟିଆ ମଧ ନିର୍ମାଣ କାର୍ଯ୍ୟକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ ତଥା ଶ୍ରମିକମାନଙ୍କ ତରଫରୁ ପୂନଃ ସହଯୋଗ ଯୋଗାଇ ଦେଇ କାରଖାନାକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ଉକ୍ତ ୬୬୦ ମେଗାୱାଟର ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ଓଡ଼ିଶା ବିଦ୍ୟୁତ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାବଲମ୍ବି ହେବା ସହିତ ରାଜ୍ୟ ସରକାର ମଧ ଟିକସ ବାବଦରେ ପ୍ରଯ୍ୟାପ୍ତ ଅର୍ଥରାଶି ପ୍ରାପ୍ତ କରିବେ ତଥା ପାରିପାର୍ଶ୍ୱିକ ଅଂଚଳର ଅଧିବାସିମାନଙ୍କ ଆର୍ଥିକ ଅବସ୍ଥା ସୁଦୃଢ଼ ହେବ । ତେଣୁ ଉକ୍ତ କାରଖାନା ନିର୍ମାଣ କାର୍ଯ୍ୟ ପାଇଁ ଏନ୍.ଟି.ପି.ସି.ର ଅଧ୍ୟକ୍ଷ, ନିର୍ଦ୍ଦେଶକ ମାନବ ସମ୍ବଳ, ନିର୍ଦ୍ଦେଶକ ପ୍ରକଳ୍ପଙ୍କୁ ଡଃ ଖୁଂଟିଆ, ମଦନ ମୋହନ ଧଳ ଓ ବିଷ୍ଣୁ ମୋହନ ରଥ କୃତଜ୍ଞତା ଜ୍ଞାପନ କରିଥିଲେ ।

## କିଟ ଓ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଦକ୍ଷତା ଭିତ୍ତିକ ତାଲିମ ନେଇ କିଟ୍ ଓ ଏନ୍‌ବିସିସି ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୨୪।୧(ପି.ଏନ): କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ଭିତ୍ତିକ ତାଲିମ ପ୍ରଦାନ କରି ସେମାନଙ୍କୁ ଶିଳ୍ପ ସଂସ୍ଥା ନିମନ୍ତେ ପ୍ରସ୍ତୁତ କରିବା ଲକ୍ଷ୍ୟରେ କିଟ୍ ଓ ନ୍ୟାସନାଲ୍ ବିଲଡିଂ କନ୍‌ଷ୍ଟ୍ରକ୍‌ସନ୍ କର୍ପୋରେସନ୍ (ଏନ୍‌ବିସିସି) ମଧ୍ୟରେ ଏକ ବୁଝାମଣା ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କିଟ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ ଏନ୍‌ବିସିସି ପକ୍ଷରୁ ଏନବିସିସିର ମାନବସମ୍ବଳ ବିଭାଗ ଜେନେରାଲ୍ ମ୍ୟାନେଜର ଦେବାଶିଷ ଶତପଥୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ର ଅନୁଯାୟୀ ଏନବିସିସି ପକ୍ଷରୁ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଶିଳ୍ପ ଆଧାରିତ ଇଣ୍ଟର୍ଣ୍ଣସିପ୍ ପ୍ରଦାନ କରାଯିବ । ଏଥିରେ ଅନୁସୁଚିତ ଜାତି, ଅନୁସୂଚିତ ଜନଜାତି ଓ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ଅବସରରେ ଶ୍ରୀ ସାମନ୍ତ କିଟ୍ କ୍ୟାମ୍ପସ୍‌ରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଏନ୍‌ବିସିସିକୁ ଅନୁରୋଧ କରିଥିଲେ । ଶ୍ରୀ ସାମନ୍ତ କହିଥିଲେ କିଟ୍ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଆଖିଦୃଶିଆ ଅଭିବୃଦ୍ଧି ହାସଲ କରିଛି । ଏହାଛଡା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ର୍‌ୟାଙ୍କିଙ୍ଗ୍‌ରେ ମଧ୍ୟ ଉତ୍କର୍ଷତା ପ୍ରତିପାଦନ କରିପାରିଛି । ଶ୍ରୀ ଶତପଥୀ କହିଥିଲେ, ଓଡ଼ିଶାର ଯେଉଁ ଅଳ୍ପ କେତୋଟି ଅନୁଷ୍ଠାନ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛନ୍ତି ସେଥିମଧ୍ୟରୁ କିଟ୍ ଅନ୍ୟତମ । ଏହି ବୁଝାମଣା ଅନୁସାରେ କିଟ୍ ଓ କିସ୍‌ର ଛାତ୍ରଛାତ୍ରୀମାନେ ଦକ୍ଷତା ବିକାଶ ତାଲିମ ସହ ରାଜ୍ୟ ବାହାରେ ଥିବା ଏନ୍‌ବିସିସିର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିପାରିବେ । କନ୍ଧମାଳ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଓ ପୁନରୁଦ୍ଧାର ଉଦ୍ଦେଶ୍ୟରେ କନ୍ଧମାଳ ପ୍ରଶାସନ ଓ ଏନ୍‌ବିସିସି ମଧ୍ୟରେ ମଧ୍ୟ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ବୁଝାମଣାପତ୍ରରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ସ୍ୱାକ୍ଷର କରିଥିବା ବେଳେ ଏନ୍‌ବିସିସି ପକ୍ଷରୁ ଜିଏମ ଶ୍ରୀ ଶତପଥୀ ସ୍ୱାକ୍ଷର କରିଥିଲେ ।

## ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ଓ ମଣ୍ଡି ଅବ୍ୟବସ୍ଥାର ସମାଧାନ ପାଇଁ ରାଜ୍ୟପାଳଙ୍କ ସାମ୍ବିଧାନିକ ହସ୍ତକ୍ଷେପ ଲୋଡ଼ିଲା କିଷାନ କଂଗ୍ରେସ

ଭୁବନେଶ୍ୱର, ୨୪।୧(ପି.ଏନ): ରାଜ୍ୟର ଉତ୍ପାଦିତ ଧାନର ପ୍ରାୟ ୩୦ ପ୍ରତିଶତ ଧାନ ଚାଷୀ ଅଣ୍ଡର ରେଟ୍‌ରେ ବିକ୍ରି କରିବା ପରେ ସରକାର ଧାନ କିଣୁଛନ୍ତି । ଚଳିତ ବର୍ଷ ଧାନ ଅମଳ ମୁତାବକ ଆବଶ୍ୟକ ସଂଖ୍ୟକ ମଣ୍ଡି ନିର୍ଦ୍ଧାରିତ ସମୟରେ ଖୋଲାଯାଇ ନାହିଁ । ଫଳରେ ଅନେକ ଚାଷୀଙ୍କର ଟୋକନ୍ ଲାପ୍ସ ହେଲାଣି । ଚାଷୀ ତା'ର କଷ୍ଟଲବ୍ଧ ଅର୍ଥ ପାଇବା କାଠିକର ପାଠ । ମିଲରମାନଙ୍କ ଅବୈନତିକ କାରବାର, ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା, ମଣ୍ଡି ଅବ୍ୟବସ୍ଥା, କଟନି ଛଟନି, ଚାଷୀ ଶୋଷଣ ପ୍ରକ୍ରିୟା ପ୍ରତି ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ଆଖି ବୁଜିଦେଇଛନ୍ତି । ଚାଷୀ ଧାନର ସର୍ବନିମ୍ନ ମୂଲ୍ୟ ପାଉନାହିଁ । ପ୍ରାୟ ସବୁ ମଣ୍ଡିରେ ୩ ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କଟନି ଛଟନି କରାଯାଉଛି । ଧାନ ଦେବାର ୨୪ ଘଣ୍ଟା ମଧ୍ୟରେ ଚାଷୀ ପ୍ରାପ୍ୟ ପାଇବାର ବ୍ୟବସ୍ଥା ଥିଲେ ମଧ ଚାଷୀ ଧାନ ବିକ୍ରିକରି ନିର୍ଦ୍ଧାରିତ ସମୟରେ ପ୍ରାପ୍ୟ ପାଉନାହିଁ । ପରିବହନ ଖର୍ଚ୍ଚ ଓ ବସ୍ତା ସରକାରଙ୍କ ପକ୍ଷରୁ ଦେବା ପରିବର୍ତ୍ତେ ଚାଷୀକୁ ପରିବହନ ଖର୍ଚ୍ଚ ଦେବାକୁ ପଡୁଛି । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମିଲର ଧାନ କିଣାରେ କୌଣସି ହସ୍ତକ୍ଷେପ କରିବା କଥା ନୁହେଁ । କେବଳ ଧାନ ଉଠାଇବା ମିଲରର ଦାୟିତ୍ୱ । କିନ୍ତୁ ମଣ୍ଡିରେ ବର୍ତ୍ତମାନ ମିଲର ସର୍ବେସର୍ବା ଓ ସରକାରଙ୍କ ଗେହ୍ଲାପୁଅ । ସରକାର ଓ ପ୍ରଶାସନ ଜାଣିଶୁଣି ଏପରି ବ୍ୟବସ୍ଥାକୁ ପ୍ରୋତ୍ସାହିତ କରୁଛନ୍ତି । ଅଦ୍ୟାବଧି ମଣ୍ଡି ସଶକ୍ତ କରାଗଲା ନାହିଁ । ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ସମସ୍ତ ଗ୍ରାମ ପଞ୍ଚାୟତରେ ଗୋଦାମ ଘର ଖୋଲା ଯିବା କଥା, କିନ୍ତୁ ବାର୍ଷିକ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇ ଗୋଦାମରେ ରଖାଯିବା ପାଇଁ ସ୍ଥିର କରାଯାଉଥିବା ବେଳେ ରାଜ୍ୟରେ ମାତ୍ର ୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ ପାଇଁ ଗୋଦାମ ଘର ରହିଛି । ଗୋଦାମ ଘର ନିର୍ମାଣ ଘୋଷଣା ପ୍ରଚାର ସର୍ବସ୍ୱ ଓ କାଗଜ କଲମରେ ସୀମାବଦ୍ଧ । ଏପରି ଅବ୍ୟବସ୍ଥା ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ବାଧ ହୋଇ ଧାନ କ୍ୱିଣ୍ଟାଲ ପ୍ରତି ୧୨ଶହ ୧୩ଶହ ଟଙ୍କାରେ ବିକୁଛି । ଏହି ସବୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ପାଇଁ କିଷାନ କଂଗ୍ରେସ ଓ ପ୍ରମୁଖ ଆଞ୍ଚଳିକ କୃଷକ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଦାବୀ କରିବା ସତ୍ତ୍ୱେ ସରକାରଙ୍କର ଏଥିପ୍ରତି ତିଳେମାତ୍ର ଭୃକ୍ଷେପ ନାହିଁ । ତେଣୁ ଏହାର ଆଶୁ ସମାଧାନ ଦିଗରେ ସାମ୍ବିଧାନିକ ପ୍ରକ୍ରିୟାରେ ଓଡ଼ିଶାର ରାଜ୍ୟପାଳଙ୍କ ହସ୍ତକ୍ଷେପ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ପିସିସି କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ କିଷାନ କଂଗ୍ରେସର ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ ଭବନରେ ରାଜ୍ୟପାଳ ପ୍ରଫେସର ଡ. ଗଣେଷୀ ଲାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସରକାର ତୁରନ୍ତ ଚାଷୀଙ୍କଠାରୁ ସମସ୍ତ ବଳକା ଧାନ ନିର୍ଦ୍ଧାରିତ ଏମଏସପିରେ ଠିକଣା ସମୟରେ କ୍ରୟ କରିବା, ଆବଶ୍ୟକ ସଂଖ୍ୟକ ମଣ୍ଡି ଖୋଲିବା, ଟୋକନ ବ୍ୟବସ୍ଥାକୁ ସରଳୀକରଣ, ଚାଷୀଙ୍କୁ ବସ୍ତା ବା ଅଖା ଖର୍ଚ୍ଚ ପ୍ରଦାନ କରିବା, ପ୍ରତି ମଣ୍ଡିରେ କଟନି ଛଟନି ବନ୍ଦ, ମିଲରମାନଙ୍କ ଅସାଧୁ କାର୍ଯ୍ୟ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୪ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ, ଟାର୍ଗେଟ ଅନୁଯାୟୀ ମଣ୍ଡିରୁ ଧାନ ଉଠାଇବାକୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ନୂତନ ତ୍ରିପାଠୀ, ଅରୁଣ ଜେନା, ସଦାନନ୍ଦ ଓଝା, ସୁରେନ୍ଦ୍ର କୁମାର ପାଇକରାୟ, ମନବୋଧ ପଟେଲ, ଧ୍ରୁବ ଚରଣ ପରିଡ଼ା, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଯଦି ତୁରନ୍ତ ଏହି ସମସ୍ୟାଗୁଡ଼ିକ ପ୍ରତି ସରକାର ସମାଧାନ ପନ୍ଥା ବାହାର ନ କରନ୍ତି, ଆସନ୍ତା ୩୧ ତାରିଖରୁ ପୁନର୍ବାର ଢେଙ୍କାନାଳ ଜିଲ୍ଲାରୁ କିଷାନ କଂଗ୍ରେସର ମଣ୍ଡିଚାଲ ଅଭିଯାନ ଆରମ୍ଭ ହେବ ବୋଲି ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ ସୂଚନା ଦେଇଛନ୍ତି ।

## ସମୁଦ୍ର ମଧ୍ୟରେ ଅସୁସ୍ଥ ଟ୍ୟାଙ୍କର ଜାହାଜର ନାବିକଙ୍କୁ ଉଦ୍ଧାର କଲା ତଟରକ୍ଷୀ ବାହିନୀ

ପାରାଦୀପ, ୨୪।୧(ପି.ଏନ): ପାରାଦୀପ ଠାରୁ ୮୦ ନଟିକାଲ ମାଇଲ ଦୂରରେ ସାଗର ଦୀପ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଙ୍କରେଜରେ ଥିବା ସିଙ୍ଗାପୁର ଦେଶର ଜାହାଜ ଏମଟି ଜିବି ଭେନଚ଼ର ର ଜଣେ ମିଆଁମାର ଦେଶର ଅସୁସ୍ଥ ନାବିକଙ୍କୁ ଉଦ୍ଧାର କରିଛି ଭାରତୀୟ ତଟରକ୍ଷୀ ବାହିନୀ କ୍ଷ ଘଟଣାରୁ ପ୍ରକାଶ ଯେ ସୋମବାର ଦିନ ସକାଳେ ସମୁଦ୍ର ମଧ୍ୟରେ ଏହି ଜାହାଜରେ ନାବିକ ଥାନ ହଟିକେ ଲ୍ୱିନ ଏକ ପାଇପ ଲାଇନର କାର୍ଯ୍ୟ କରୁଥିବାବେଳ ହଟାତ ତଳିପେଟରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ଜାହାଜରେ ଏହି ରୋଗର ଆଶୁ ଚ଼ିକିତ୍ସା ସୁବିଧା ନଥିବା ଉପଲବ୍ଧି କରି ଜାହାଜର କ୍ୟାପଟେନ ତୁରନ୍ତ ଭାରତୀୟ ତଟରକ୍ଷୀ ବାହିନୀକୁ ସହଯୋଗ ପାଇଁ ଅନୁରୋଧ କରିଥିଲେ । ଖବର ପାଇ ତଟରକ୍ଷୀ ବାହିନୀ ଅଳ୍ପ ଘଣ୍ଟା ମଧ୍ୟରେ ସେଠାରେ ପହଞ୍ଚି ତାର ହେଲିକପଟର ସାହାଯ୍ୟରେ ଉକ୍ତ ରୋଗୀଙ୍କୁ ଏଆର ଲିଫ୍ଟ କରି ଭୁବନେଶ୍ୱର ର ଏକ ଘରୋଇ ଚ଼ିକିତ୍ସାଳୟରେ ଭର୍ତ୍ତି କରିଥିଲେ କ୍ଷ ତାଙ୍କ ଅବସ୍ଥା ଏବେ ସ୍ଥିର ଥିବାର କୁହାଯାଉଛି କ୍ଷ ତେବେ ତଟରକ୍ଷୀ ବାହିନୀର ଏଭଳି ସମୟୋଚ଼ିତ ପଦକ୍ଷେପ ଯୋଗୁଁ ଏଭଳି ଅନେକ ଉଦ୍ଧାର କାର୍ଯ୍ୟ ସଫଳ ହେଉଥିବା କୁହାଯାଉଛି ।





## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବ ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହ ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ୍ୟ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା ର୍କତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ସ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ଓ୍ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୁନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ବିବାଦରେ ଟେରେସାଙ୍କ ଏନ୍‌ଜିଓ





୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚ୍ୟାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡ଼ୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ । କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ । ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ । ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ୍ୟ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚ୍ୟାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚ୍ୟାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରୀଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ୍ୟ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚ୍ୟାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚ୍ୟାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ଓ୍ୱେଖର୍ଡଟର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିଓ୍ୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚ୍ୟାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚ୍ୟାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚ୍ୟାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ୍ୟ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ । ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜିକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚାଲିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢ଼ିଥିଲା । ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଥିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚ୍ୟାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ । କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚ୍ୟାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫସିଆରଏ ଆଇନ ଉଲ୍ଲଙ୍ଘନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା । ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚ୍ୟାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା ।

ମିସନାରୀଜଗୁଡିକର ପ୍ରଚରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି । ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା । ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ । ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା । ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ୍ୟ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଲିଗଜ୍ଜା ଦେବସ୍ଥାନରେ ପକାଇଥିଲା । ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚାରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି ।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚ୍ୟାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*



# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଲନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା। କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି। ପୁଲିସ କାରଖାନାକୁ ସିଲ୍ କରିଛି।

## —'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ—
## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା। (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୂଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ 'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ ହୋଇଥିଲା। ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଲାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟିତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।






ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର ବିଜେତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

## କାପୁଡ଼ିଆ ସମାଜର ଜିଲ୍ଲା ସମ୍ମିଳନୀ
# ଜାତିର ଉନ୍ନତି ଓ ନ୍ୟାୟ୍ୟ ଦାବି ହାସଲ ପାଇଁ ସଂଗଠନକୁ ବ୍ୟାପକ କରିବାକୁ ପରାମର୍ଶ

ଭୁବନ, (ପିଏନ)- ଢେଙ୍କାନାଳ ଜିଲ୍ଲା ରାସୋଳ ସପ୍ତେଶ୍ୱର ମନ୍ଦିର ପରିସରରେ କାପୁଡିଆ ସମାଜ ର ଜିଲ୍ଲା ସମ୍ମିଳନୀ ଜିଲ୍ଲା ସଭାପତି ଖଗେଶ୍ୱର ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାପୁଡିଆ ସମାଜ ରାଜ୍ୟ ସଭାପତି ଆଇନଜୀବୀ ନବ କିଶୋର ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ଉଦ୍ୟମ ଫଳରେ କପଡିଆ/ କାପୁଡିଆ ଦ୍ୱନ୍ଦ ଏବେ ଦୂର ହୋଇଛି । ରାଜ୍ୟ ଓବିସି କମିଶନ କପଡିଆ/ କାପୁଡିଆ ଉଭୟଙ୍କୁ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ(ଏସଇବିସି) ପ୍ରମାଣ ପତ୍ର ପ୍ରଦାନ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ନିଶ୍ଚିତ ଭାବେ ଓବିସି ପ୍ରମାଣପତ୍ର ପ୍ରଦାନ କରାଯିବ । ଜାତିର ଉନ୍ନତି ଓ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ଆମକୁ ଏକଜୁଟ ହେବାକୁ ପଡିବ ଓ ସଂଗଠନକୁ ବ୍ୟାପକ କରିବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧାରଣ ସଂପାଦକ ଅଧ୍ୟାପକ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଏକତା ହିଁ ବଳ ,ତେଣୁ ଆଗାମୀ ଦିନରେ ସାରା ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଲୋକଙ୍କୁ ସାମିଲ କରାଯାଇ ରାଜ୍ୟ ସମ୍ମିଳନୀ ଆୟୋଜନ କରିବାକୁ ମତ ଦେଇଥିଲେ ଏବଂ ଜାତି ଇତିହାସ ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଭୁବନ କାପୁଡିଆ ସମାଜ ସଭାପତି ରାମଚନ୍ଦ୍ର ରାଉତ , ରାସୋଳ ସଭାପତି ଭାସ୍କର ନାୟକ , ଜିଲ୍ଲା କୋଷାଧ୍ୟକ୍ଷ ଭାଗବତ ନାୟକ ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ଉପସଭାପତି ବିପିନ ବିହାରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୨୯ ଜଣ ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ , ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାସୋଳ କାପୁଡିଆ ସମାଜର ଅକ୍ଷୟ କୁମାର ସାହୁ , ବିନୟ ସାହୁ , ସଂଜୟ ସାହୁ , ନିତ୍ୟାନନ୍ଦ ଦାସ, ସନ୍ତୋଷ ଦାସ, ନନ୍ଦ ସାହୁ , ମିଥୁନ ଦାସ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ଷଡଙ୍ଗୀ, ଝାରଦା ଓ ଭୁବନ କାପୁଡିଆ ସମାଜର ୨୦ ଥାନର ସଭାପତି, ପାରିମାଣିକଙ୍କ ସମେତ ପ୍ରାୟ ୧ ହଜାର ବ୍ୟକ୍ତି ଯୋଗଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ସଭାପତିଙ୍କ ଦ୍ୱାରା ଜାତି ପତାକା ଉତୋଳନ କରାଯାଇଥିଲା ଓ ଆରାଧ ଦେବତା ପ୍ରଭୁ ବଳଭଦ୍ରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା ।

# ଚମ୍ପୁଆ ଶିଶୁମନ୍ଦିରରେ ନେତାଜୀ ଜୟନ୍ତୀ ଓ ପୂର୍ବଛାତ୍ର ସମ୍ମିଳନୀ

**ଚମ୍ପୁଆ, (ପିଏନ)-**ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ନୋତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ ଅବସରରେ ପୂର୍ବ ଛାତ୍ରଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ମହିଳା ମହାବିଦ୍ୟାଳୟର ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତର ନାଗରିକ, ଏକ ସମୃଦ୍ଧ ଭାରତ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡିଶା, ଉତର ସମ୍ବାଗର ସମ୍ପାଦକ ଗଙ୍ଗାଧର କର ଯୋଗଦେଇ ଦୁଇ ଓଡ଼ିଆ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପୂର୍ବ ଛାତ୍ରଛାତ୍ରୀ ସମ୍ମିଳନୀର ଆଭିମୁଖ୍ୟ କଥନ କରିଥିଲେ । ସଭାପତି ରମାକାନ୍ତ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ଛାତ୍ରଛାତ୍ରୀ ପରସ୍ପର ଜଡ଼ିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଉପସଭାପତି ସଦାନନ୍ଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସମ୍ପାଦକ ଅଜିତ କୁମାର ରାମ, ସଦସ୍ୟା ପ୍ରଭାସିନୀ ନାଏକ ଆଦି ମଂଚାସୀନ ଥିଲେ । ସହପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସରକାରୀ ବୃତି, ପଠାଣି ସାମନ୍ତ ମେଧା ବୃତି, ଏନ୍.ଆର୍.ଟି.ଏସ୍, ଆଦି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିରେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ ।

# ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ବର୍ଷୀୟାନ ସାମ୍ବାଦିକ ନରହରି ମହାନ୍ତିଙ୍କ ୧୪ତମ ପୁଣ୍ୟତିଥି ପାଳନ

ଧର୍ମଶାଳା,(ପିଏନ)- ଯାଜପୁର ଜିଲ୍ଲା ଧର୍ମଶାଳା ପ୍ରେସ କ୍ଲବ ପକ୍ଷରୁ ଦିବଂଗତ ସଭାପତି, ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ବର୍ଷୀୟାନ ସାମ୍ବାଦିକ ନରହରି ମହାନ୍ତିଙ୍କ ୧୪ତମ ପୁଣ୍ୟତିଥି ଜାରକା ସ୍ଥିତ କାର ?ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଏହି ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର କୃଷ୍ଣଚନ୍ଦ୍ର ସାମଲ ଓ ବିଶ୍ୱନାଥ ସାମଲ ଓ ସାମ୍ବାଦିକ ମହେଶ୍ୱର ପ୍ରମୁଖ ଯୋଗଦେଇ ନରହରି ମହାନ୍ତିଙ୍କ ସମୟର ସାମ୍ବାଦିକତା ବୃତି ଉପରେ ଆଲୋକପାତ କରି ନରହରି ବାବୁ ଥିଲେ ଧର୍ମଶାଳା ଅଂଚଳର ପ୍ରଥମ ସାମ୍ବାଦିକ । ସେ ଧର୍ମଶାଳା ସାମ୍ବାଦିକତାର ଖଡ଼ି ଛୁଆଁଇ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଯେଉଁଠି ଇତିହାସ ନୀରବି ଯାଏ ସେଇଠି ସାମ୍ବାଦିକତା ମୁଖର ହୋଇ ଉଠେ । ଭିତରେ ସତ୍ୟ ଥିଲେ ବାହାରେ ସାହସର ପ୍ରକାଶ ଘଟି ଥାଏ । ଅଗ୍ନିର ଧର୍ମ ଭଳି ସାମ୍ବାଦିକ ମାନଙ୍କ ଧର୍ମ ହେବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରବି ଲାବଣ୍ୟ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶନ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଶିଶୁ ସାହିତ୍ୟିକ ଡକ୍ଟର ପ୍ରିୟନାଥ ମହାପାତ୍ର ଓ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ସଂଗ୍ରାମ ଜେନା ଓ ହରିହର ମଲିକ, ପ୍ରେସ କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ଓ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ନିର୍ଭୀକ ଓ ସାଲିସ ବିହୀନ ସାମ୍ବାଦିକତା ଜୀବନ ଓ ଜନସେବା ଉପରେ ଆଲୋକପାତ କରିଥିଲେ । କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ, ସହ ସମ୍ପାଦକ ମାନସ ରଞ୍ଜନ ଜେନା ସ୍ୱାଗତ ଭାଷଣ ଓ ସମ୍ପାଦକ ଆବିନେଶ୍ୱର ଶତପଥୀ ସମ୍ପର୍କୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉପ ସଭାପତି ଗୁଲାମ ଗସ ଓ ସୀତାକାନ୍ତ ସାମଲ ସେମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଅତିଥି ଓ ଉପସ୍ଥିତ ନିମନ୍ତ୍ରିତ ବ୍ୟକ୍ତିମାନେ ପ୍ରେସ କ୍ଲବ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସଦସ୍ୟ ବିବେକାନନ୍ଦ ରାୟ, କପିଳେନ୍ଦ୍ର ରାଉତ, ବିକ୍ରମ ମହାନ୍ତି, ଗିରିଧାରୀ ବେହେରା, ଅକ୍ଷୟ ରାଉତ, ସୁବ୍ରତ ଜେନା, ବିନୋଦ ପରିଡ଼ା, କିଶୋର ରାଉତ, ବିନୋଦ ସାହୁ, ପ୍ରସନ୍ନ ପାଣି, କ୍ଷୀରୋଦ ମୁଦୁଲି, ରାମଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଯମୁନାକୋଟ ବାଲିଘାଟ କେଶ ରଞ ଜଣ ୱାରେଂଟି ଗିରଫ

ଭୁବନ, (ପିଏନ)- ଭୁବନ ଥାନା ତରଫରୁ ଯମୁନାକୋଟ ଗ୍ରାମରେ ଜୋରଦାର ଚଢାଉ କରାଯାଇ ଆଜି ୫ଜଣ ୱାରେଂଟିଙ୍କୁ ଗିରଫ କରାଯାଇଛି । ଭୁବନ ଥାନା ଅନ୍ତର୍ଗତ ଯମୁନାକୋଟ ବାଲିଘାଟ ଗଣ୍ଡଗୋଳ ଘଟଣାରେ ସଂପୃକ୍ତ ଥିବା ମନୋଜ ବେହେରା(୩୩), ଉଗ୍ରସେନ ବାରିକ(୫୦), ଅନୁପ ବେହେରା(୨୯), ସର୍ବେଶ୍ୱର ବାରିକ(୬୨) ଏବଂ ମାୟାଧର ବେହେରା(୬୧)ଙ୍କୁ ଭୁବନ ଥାନା ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଯମୁନାକୋଟ ଗ୍ରାମରେ ଚଢାଉ କରାଯାଇ ଉପରୋକ୍ତ ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏମାନଙ୍କ ନାମରେ ଭୁବନ ଥାନାରେ କେଶ ନଂ- ୪୫୨/ ତା । ୨୩.୧୦.୨୦୨୧ ଆଇପିସି ଦଫା- ୧୪୭, ୧୪୮, ୩୪୧, ୨୯୪, ୩୨୩, ୩୨୪, ୩୦୭, ୫୦୬, ୧୪୯ରେ ମାମଲା ରୁଜୁ ହୋଇଥିଲା । ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢାଉ ଅବ୍ୟାହତ ରହିବ ବୋଲି ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

# ମହାନ ଲୋକନାଟ୍ୟ ଦଣ୍ଡ ସମାଜର ଜିଲ୍ଲା ଜାଗରଣ ମଂଚ ପକ୍ଷରୁ ଚିନ୍ତନ ବୈଠକ ଅନୁଷ୍ଠିତ

**କନ୍ଧମାଳ (ପିଏନ)-** କନ୍ଧମାଳ ଜିଲ୍ଲା ଜାଗରଣ ମଂଚ ପକ୍ଷରୁ ଶନିବାର ଫୁଲବାଣୀ ସଦର ମହକୁମା ହାଟପଦା ସ୍ଥାନୀୟ ମା ନାରାୟଣୀ ଯାତ୍ରା ପଡ଼ିଆ ସ୍ଥିତ ସମ୍ମିଳନୀ କକ୍ଷରେ ଜାଗରଣ ମଂଚ ଆବାହକ ପରେଶ ମହାପାତ୍ରଙ୍କର ନେତୃତ୍ୱ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନବୀନ କିଶୋର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଆୟୋଜିତ ବୈଠକରେ ଜାଗରଣ ମଂଚର ନୂତନ କର୍ମକର୍ତା ଚୟନ କରାଯାଇଥିବା ବେଳେ ଆସନ୍ତା ଫେବୃଆରୀ ୨୧,୨୨ ଦୁଇ ଦିନ ଧରି କନ୍ଧମାଳ, ବୌଦ୍ଧ ଓ ଦଶପଲ୍ଲା ଅଂଚଳ ଦଣ୍ଡ ସମାଜର ସମସ୍ତ କର୍ମକର୍ତା ଙ୍କର ସହଯୋଗ ରେ ଚତୁର୍ଥ ଚିନ୍ତନ ବୈଠକ ଫୁଲବାଣୀ ଠାରେ ଅନୁଷ୍ଠିତ ହେବା ନିମନ୍ତେ ଆଜିର ବୈଠକରେ ନିଷ୍ପତି ହୋଇଥିଲା । ଆଗାମୀ ଦିନରେ ହେବାକୁ ଥିବା ଚିନ୍ତନ ବୈଠକରେ ସମସ୍ତ ଅଂଚଳରେ ଶିକ୍ଷା ର ଉନ୍ନତି ଓ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବା । ଗୋମାତାଙ୍କ ଦ୍ୱାରା ଜୈବିକ କୃଷିର ଉନ୍ନତି, ଗୋମାତାଙ୍କର ଆଧ୍ୟାତ୍ମିକ ଦିଗ ପ୍ରତି ଆଲୋକପାତ କରିବା,ଗୋମାତା ପ୍ରତି ଶ୍ରଦ୍ଧା ସମ୍ମାନକୁ ପୁନଃରୁଦ୍ଧାର କରିବା । ସଂସ୍କୃତି ପରମ୍ପରା ବିଜ୍ଞାନ ସମ୍ମତ କାରଣ ଗୁଡ଼ିକ ଜାଣିବା ନିମନ୍ତେ ଆଗ୍ରହ ସୃଷ୍ଟି କରିବା । ସମାଜରେ ପ୍ରଚଳିତକୁ ସଂସ୍କାର ଅନ୍ଧ ବିଶ୍ୱାସକୁ ଦୂର କରାଯିବା । ପରିବେଶ ସୁରକ୍ଷା ପ୍ରତି ଚିନ୍ତା କରାଯିବା । ଏହା ସହିତ ଦଣ୍ଡୁଆମାନଙ୍କୁ କଳାକାର ଭତା ପ୍ରଦାନ କରିବା, କାମନା ଘରର ଉନ୍ନତି ପାଇଁ ସରକାରୀ ସାହାର୍ଯ୍ୟ ପାଇଁ ଦାବୀ କରିବା, ଦଣ୍ଡ ସମୟରେ ଦଣ୍ଡୁଆ ମାନଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ହେଲେ ଆର୍ଥିକ ସହାୟତା ୫ ଲକ୍ଷ ଟଙ୍କା ଦାବିକରିବା ପାଇଁ ନିଷ୍ପତି ହୋଇଥିଲା । ଫୁଲବାଣୀ ସହର ଦେଇ ଯାଇଥିବା ରାଜପଥ ନିମନ୍ତେ ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟ ପଛ ପଟ ଠାରୁ କଲାଡି କୁ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ଜାଗରଣ ମଂଚ ବହୁଦିନରୁ ଦାବିକରି ଆସୁଛି । ହେଲେ ପ୍ରଶାସନ କର୍ଣ୍ଣ ପାତ କରୁ ନାହାନ୍ତି । ସେହି ଦିନ ସେହି ଦାବି କୁ ଦହରାଇ ଜିଲ୍ଲାପାଳ ଭେଟି ଦାବିପତ୍ର ପ୍ରଦାନ କରିବା ସହ ସମସ୍ତ ଦାବୀ ପୂରଣ ନିମନ୍ତେ ଆନ୍ଦୋଳନ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା । ଉକ୍ତ ବୈଠକରେ ଜାଗରଣ ମଂଚର ନୂତନ କର୍ମକର୍ତା ଚୟନ ହୋଇଥିବା ରୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ଶେଷଦ୍ୱେ ଜାନୀ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ବିକାଶ ମହାନ୍ତି,ବ୍ରଜ କିଶୋର ପଟ୍ଟନାୟକ, ନବୀନ କୁମାର ସାହୁ,ବଂଶୀଧର ପଣ୍ଡା, ମହୋନ ପ୍ରଧାନ, ସମ୍ପାଦକ ଭାବେ ଭି ସୁବ୍ରମନ୍ୟୁମ ଦାସ, ଆଂଚଳିକ ସମ୍ପାଦକ ଭାବେ କିଶୋର ଚନ୍ଦ୍ର କହଁର, ନିରଞ୍ଜନ ମହାନ୍ତି, ଶ୍ରୀଧର ପୃଷ୍ଟି, ଅଶୋକ ପାଳ, ନୃସିଂହ କାର୍ଜି ମନୋନୀତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ସୁବାସ ବିସି ମାଝୀ, ରବି ଚନ୍ଦ୍ର ଲହରିଆ,କୋଷାଧକ୍ଷ ଭାବେ ସନ୍ତୋଷ ପଣ୍ଡା ,ସଙ୍ଗଠନ ସମ୍ପାଦକ ଭାବେ ନିରଞ୍ଜନ ସାହୁ,ସରୋଜ ପଟ୍ଟନାୟକ,ବିପିନି ଚନ୍ଦ୍ର ପାତ୍ର, ହିସାବ ରକ୍ଷକ ଭାବେ ରାଜ କିଶୋର ପାଢ଼ୀ ମନୋନୀତ ହୋଇଥିବାବେଳେ ଉପଦେଷ୍ଟା ମଣ୍ଡଳୀ ଭାବେ ନବୀନ କିଶୋର ପଣ୍ଡା, ନାରାୟଣ ସାହୁ,ରମେଶ ଚନ୍ଦ୍ର ମହାନ୍ତି, ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଉକ୍ତ ବୈଠକରେ ସଂସ୍କୃତି ଓ ପରମ୍ପରା ର ରକ୍ଷା ନିମନ୍ତେ ଦଣ୍ଡନାଚ ଭଳି ଏକ ମହାନ କାର୍ଯ୍ୟକ୍ରମ କରୁଥିବା କନ୍ଧମାଳ,ଦଶପଲ୍ଲା, ବୌଦ୍ଧ ଅଂଚଳ ଦଣ୍ଡ ସମାଜ ର କର୍ମକର୍ତାମାନେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

## ଆମେରିକା ଭିସା ପାଇବାରେ ହେବନି ବିଳମ୍ବ

**ନୂଆଦିଲ୍ଲୀ:** ଆମେରିକା ଯିବାକୁ ଚାହୁଁଥିବା ଭାରତୀୟମାନଙ୍କୁ ଶୀଘ୍ର ଭିସା ମିଳିବ । ଭାରତରେ ଅବସ୍ଥାପିତ ଆମେରିକା ମିସନ ପକ୍ଷରୁ ଏଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଥମ ଥର ପାଇଁ ଶନିବାର ଦିନ ନୂଆଦିଲ୍ଲୀର ଆମେରିକା ଦୂତାବାସ ଓ ମୁମ୍ବାଇ, କୋଲକଲତା, ଚେନ୍ନାଇ ଓ ହାଇଦ୍ରାବାଦରେ ଥିବା ବାଣିଜ୍ୟ ଦୂତାବାସରେ ସାକ୍ଷାତକାର ଆୟୋଜନ କରାଯାଇଥିଲା । ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟକୁ ଆମେରିକା ମିସନ ଜାରି ରଖିବ । କୋଭିଡ୍ ମହାମାରୀ ପ୍ରଭାବରେ ଭିସା ପ୍ରକ୍ରିୟାକରଣରେ ହୋଇଥିବା ବିଳମ୍ବକୁ ଦୂର କରିବା ଲାଗି ଆମେରିକାର ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ କେତେକ ମାମଲାରେ ସାକ୍ଷାତକାର ଆବଶ୍ୟକତାକୁ ଛାଡ କରାଯାଇଛି ।

# ଆକ୍ସିସ୍ ବ୍ୟାଙ୍କର ଟିକସ ପରବର୍ତ୍ତୀ ଲାଭ ତୃତୀୟ ତ୍ରୈମାସିକରେ ୬୨% ବୃଦ୍ଧି ପାଇ ୫,୮୫୩ କୋଟି ଟଙ୍କା

**ଭୁବନେଶ୍ୱର:**ଭାରତର ତୃତୀୟ ବୃହତମ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ଏହି ସମୟରେବ୍ୟାଙ୍କ ଟିକସ ପରବର୍ତୀ ଲାଭ ବାର୍ଷିକ ଭିତିରେ ୬୨ ପ୍ରତିଶତ ବୃଦ୍ଧି ପାଇ ୫,୮୫୩ କୋଟି ଟଙ୍କା ହୋଇଛି ଯାହା ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୩,୬୧୪ କୋଟି ଟଙ୍କା ଥିଲା । ବ୍ୟାଙ୍କ ନିଟ୍ ସୁଧ ଆୟ (ଏନ୍‌ଆଇଆଇ) ବାର୍ଷିକ ଭିତିରେ ୩୨ ପ୍ରତିଶତ ଓ ତ୍ରୈମାସିକ ଭିତିରେ ୧ ପ୍ରତିଶତ ବୃଦ୍ଧି ପାଇ ତୃତୀୟ ତ୍ରୈମାସିକ ସୁଦ୍ଧା ୧୧,୪୫୯ କୋଟି ଟଙ୍କା ହୋଇଛି ଯାହା ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୮,୬୫୩ କୋଟି ଟଙ୍କା ଥିଲା ।

ଏହାର ନିଟ୍ ସୁଧ ଆୟ (ଏନ୍‌ଆଇଏମ୍) ତୃତୀୟ ତ୍ରୈମାସିକରେ ୪.୨୬ ପ୍ରତିଶତ ରହିଛି । ବାର୍ଷିକ ଭିତିରେ ଏଥିରେ ୦.୭୩ ପ୍ରତିଶତ ଓ ତ୍ରୈମାସିକ ଭିତିରେ ୦.୩୦ ପ୍ରତିଶତ ବୃଦ୍ଧି ହୋଇଛି । କାସାରେ ବାର୍ଷିକ ୧୦ ପ୍ରତିଶତ ଏବଂ ତ୍ରୈମାସିକ ୪ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ କାସା ଅନୁପାତ ୪୪ ପ୍ରତିଶତ ରହିଛି । ତୃତୀୟ ତ୍ରୈମାସିକ ସୁଦ୍ଧା କାସା ଅନୁପାତରେ ୦.୧୮ ପ୍ରତିଶତ ବୃଦ୍ଧି ଘଟିଛି । ୨୦୨୨ ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ମୋଟ ଏନପିଏ ଓ ନିଟ୍ ଏନପିଏ ଯଥାକ୍ରମେ ୨.୩୮ ପ୍ରତିଶତ ଓ ୦.୪୭ ପ୍ରତିଶତ ରହିଛି । ଫି'ରୁ ବ୍ୟାଙ୍କର ଆୟ ତୃତୀୟ ତ୍ରୈମାସିକରେ ବାର୍ଷିକ ୨୩ ପ୍ରତିଶତ ହାରରେ ବୃଦ୍ଧି ପାଇ ୪,୧୦୧ କୋଟି ଟଙ୍କା ହୋଇଛି । ରିଟେଲ୍ ଫି' ବାର୍ଷିକ ଭିତିରେ ୩୦% ବଢ଼ିଛି ଯାହା ବ୍ୟାଙ୍କର ମୋଟ ଫିଡ୍ ଆୟର ୬୯ ପ୍ରତିଶତ । ସାମଗ୍ରିକ ପୁଂଜି ସ୍ୱଚ୍ଛଳତା ହାର (ସିଏଆର) ହାର ଲାଭ ସମେତ ଆର୍ଥିକ ବର୍ଷର ୯ ମାସରେ ୧୯.୫୧ ପ୍ରତିଶତ ଥିବା ବେଳେ ସିଇଟି ୧ ହାର ୧୫.୫୫ ପ୍ରତିଶତ ରହିଛି ।ଆକ୍ସିସ୍ ବ୍ୟାଙ୍କର ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ କହିଛନ୍ତି ଯେ, "ବିଶ୍ୱ ସ୍ତରରେ ଅନିଶ୍ଚିତତା ସ୍ଥିତି ଲାଗି ରହିଥିବା ବେଳେ ଭାରତ ଏକ ଉଜ୍ୱଳ ସ୍ଥଳ ଭାବେ ଉଭା ହୋଇ ଶ୍ରେଷ୍ଠ ସ୍ଥିରତା ଓ ଅର୍ଥନୀତି ଓ ବ୍ୟବସାୟ ପାଇଁ ସୁଯୋଗ ପ୍ରଦାନ କରୁଛି । ଗତ କିଛି ତ୍ରୈମାସିକରେ ଗଠନ ହୋଇଥିବା ଗତିଶୀଳତାରୁ ଲାଭ ହାସଲ କରିବା ଲାଗି ବ୍ୟାଙ୍କ କ୍ଷେତ୍ର ବହୁତ ଭଲ ସ୍ଥିତିରେ ରହିଛି । ବ୍ୟବସାୟରେ ଅଭିବୃଦ୍ଧି ଓ ଶ୍ରେଷ୍ଠ ସହଯୋଗିତା ଜରିଆରେ ଆକ୍ସିସ୍ ବ୍ୟାଙ୍କ ଦ୍ରୁତ ଗତିରେ ଏହାର ଦକ୍ଷତା ବଢ଼ାଉଛି । ସିଟି ମିଶ୍ରଣ ବହୁତ ଭଲ ଭାବେ ଆଗେଇଛି ଏବଂ ଗ୍ରାହକ ଏବଂ କର୍ମଚାରୀମାନଙ୍କଠାରୁ ଆମେ ଯେଉଁ ପ୍ରତିକ୍ରିୟା ହାସଲ କରୁଛୁ ତାହାକୁ ନେଇ ଆମେ ବହୁତ ଖୁସି । ଆକ୍ସିସ୍ ପରିବାରକୁ ସେମାନଙ୍କୁ ସମସ୍ତଙ୍କୁ ଆମନ୍ତ୍ରଣ କରିବା ଲାଗି ଆମେ ବେଶ ଉତ୍ସାହିତ ଅଛୁ ।''



ଯବାନମାନେ ସାଧାରଣତନ୍ତ୍ର ଦିବସ ପାଇଁ ପ୍ୟାରେଡ ଅଭ୍ୟାସ କରୁଛନ୍ତି

# ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ନୂଆ ଆକ୍ଟିଭା ୨୦୨୩ର ଶୁଭ ଉନ୍ମୋଚନ

ଭୁବନେଶ୍ୱର: ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ଉନ୍ନତ ନୂଆ ଆକ୍ଟିଭା ୨୦୨୩କୁ ଉନ୍ମୋଚନ କରାଯାଇଛି । ନିର୍ଧାରିତ ସମୟ ୨୦୨୩ ଏପ୍ରିଲ୍ ପୂର୍ବରୁ କଂପାନି ଏହାକୁ ଉନ୍ମୋଚନ କରିଛି ।

ଏହି ଅବସରରେ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଶ୍ରୀ ଆତସୁସି ଓଗାତା କହିଛନ୍ତି ଯେ, "ଆକ୍ଟିଭା ସ୍କୁଟର ବଜାରକୁ ପୁନଃ ସକ୍ରିୟ କରିଥିଲା ଏବଂ ଦଶନ୍ଧିରୁ ଅଧିକ ସମୟ ଧରି ଶ୍ରେଷ୍ଠ ବିକ୍ରି ହେଉଥିବା ଦୁଇଚକିଆ ହୋଇରହିଛି । ଆମ ଗ୍ରାହକଙ୍କ ପରିବର୍ତିତ ଆଶାକୁ ପୂରଣ କରିବା ଲାଗି ଏହା ବିଭିନ୍ନ ରୂପ ଧାରଣ କରିଛି ଏବଂ ଏବେ ଆମେ ଓବିଡି ୨ ନିୟମ ପାଳନ କରୁଥିବା ଆକ୍ଟିଭା ୨୦୨୩କୁ ଉନ୍ମୋଚନ କରିଛୁ ଯେଉଁଥିରେ ଏହି ବର୍ଗର ବହୁ ପ୍ରଥମ ଧରଣର ସୁବିଧା ସୁଯୋଗ ରହିଛି ଯାହା ଗ୍ରାହକମାନଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବ ।''ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ଅପରେଟିଂ ଅଫିସର- ସେଲ୍ସ ଓ ମାର୍କେଟିଂ ଶ୍ରୀଯୁକ୍ତ ଯୋଗେଶ ମାଥୁର କହିଛନ୍ତି ଯେ, "ପ୍ରଯୁକ୍ତିରେ ଅଗ୍ରଦୂତ ହୋଇଥିବାରୁ ଗ୍ରାହକମାନଙ୍କ ଦୈନନ୍ଦୀନ ଜୀବନରେ ସୁବିଧା ଓ ଆରାମ ପ୍ରଦାନ କରି ଏଚ୍.ଏମ୍.ଏସ୍.ଆଇ ସେମାନଙ୍କୁ ଉଲ୍ଲସିତ । ଅତୀତ ମଧ୍ୟ ଏହାର ଉତ୍ପାଦରେ ବହୁ ପ୍ରଯୁକ୍ତି ଭିତିକ ନବସୃଜନ ଯଥା ଏନ୍‌ହାନ୍‌ସଡ୍ ସ୍ମାର୍ଟ ପାୱାର (ଇଏସ୍‌ପି) ପ୍ରଯୁକ୍ତି, ଡବଲ୍ ଲିଡ୍ ଥିବା ବାହ୍ୟ ଇନ୍ଧନ ଟାଙ୍କି ଖୋଲିବା ବ୍ୟବସ୍ଥା ଏବଂ କମ୍ବି ବ୍ରେକ୍ ସିଷ୍ଟମ୍ ସହ ମାନଦଣ୍ଡକୁ ବଢ଼ାଇବ ଲାଗି ଏଚ୍‌ଏମ୍‌ଏସ୍‌ଆଇ ପରିଚିତ ଥିଲା । ହୋଣ୍ଡା ୨୦୨୩ରେ ହୋଣ୍ଡା ସ୍ମାର୍ଟ କି'କୁ ନେଇ ଆମେ ଏବେ ପୁଣି ଥରେ ଦୁଇଚକିଆ ଯାନରେ ପ୍ରଥମ ଧରଣର ସୁବିଧା ଆଣିଛୁ ।''ହୋଣ୍ଡା ସ୍ମାର୍ଟ କି' ଜରିଆରେ ଗ୍ରାହକମାନେ ସ୍ମାର୍ଟ ଫାଇଣ୍ଡ, ସ୍ମାର୍ଟ ଅନ୍‌ଲକ୍, ସ୍ମାର୍ଟ ଷ୍ଟାର୍ଟ ଓ ସ୍ମାର୍ଟ ସେଫ୍ ଭଳି ସୁବିଧା ପାଇପାରିବେ । ଏହା ସହିତ ଇଞ୍ଜିନ ଷ୍ଟାର୍ଟ/ ଷ୍ଟପ୍ ସ୍ୱିଚ୍ ମଧ୍ୟ ରହିଛି । ଗ୍ରାହକମାନଙ୍କ ସୁବିଧା ଲାଗି ଏଥିରେ ରହିଛି ଡବଲ୍ ଲିଡ୍ ଫୁଏଲ୍ ଅପରେଟିଂ ସିଷ୍ଟମ୍ ଯାହା ଜରିଆରେ ଗ୍ରାହକମାନେ ସିଟ୍ ତଳେ ୧୮ ଲିଟର ଷ୍ଟୋରେଜ୍ ସ୍ଥାନ ପାଇପାରିବେ ।






# ଆର୍ଟ ମହୋତ୍ସବ ଉଦଯାପିତ

**ପୁରୀ,(ପିଏନ)**-ଐତିହ୍ୟ ଗ୍ରାମ ରଘୁରାଜପୁରରେ ତିନିଦିନବ୍ୟାପୀ ଆର୍ଟ ମହୋତ୍ସବ ଉଦଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ହସ୍ତତନ୍ତ,ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ,ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାୟୋଜିତ ଏହି ମହୋତ୍ସବକୁ ରଘୁରାଜପୁରର ମାଆ ଭୂବାସିନୀଙ୍କ ମଣ୍ଡପରେ ମିଳିତ ଆୟୋଜନ କରାଯାଇଥିଲା।ରଘୁରାଜପୁରର କଳାକ୍ଷେତ୍ର,ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିର କୈଳାଶ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ଏବଂ ଦିଲ୍ଲୀର ଯାକ୍ କମ୍ୟୁନିକେସନ୍,ପଦ୍ମଶ୍ରୀ ଶିଳ୍ପୀ ଗୁରୁ ପ୍ରଭାକର ମହାରଣା ଏହାକୁ ଜାନୁଆରୀ କୋଡ଼ିଏ ତାରିଖ ସନ୍ଧ୍ୟାରେ ଉଦଘାଟନ କରିଥିଲା ବେଳେ ଉଦଯାପନୀ ସନ୍ଧ୍ୟାର ମୁଖ୍ୟ ଅତିଥି ଥିଲେ, ଓଡ଼ିଶାର ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପର ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ରିତା ସାହୁ। ବିଭିନ୍ନ ସନ୍ଧ୍ୟାରେ ଗୋଟିପୁଅ ନୃତ୍ୟ,ପୁରୀର ନବପ୍ରତିଭା ତରଫରୁ ମାହାରୀ ନୃତ୍ୟ, ବିଙ୍ଘାରପୁରର ସମ୍ବଲପୁରୀ ନୃତ୍ୟ, ନିମାପଡ଼ାର ଚଢେଇଆ ନୃତ୍ୟ ,ମଙ୍ଗଳପୁରର ଲୋକନୃତ୍ୟ ପ୍ରଭୃତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମହୋତ୍ସବ ନିର୍ଦ୍ଦେଶକ ମୁକେଶ



ମୟୁରିଆ,ମହୋତ୍ସବ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୈଳାଶ ଗୋଟିପୁଅ ଅନୁଷ୍ଠାନର ସମ୍ପାଦକ କୈଳାଶ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ପ୍ରଭାତ ପୃଷ୍ଟି, ମାଳତୀପାଟପୁର ପଂଚାୟତର ସରପଂଚ ମହେନ୍ଦ୍ର ମହାପାତ୍ର ଓ ସମିତିସଭ୍ୟ ପ୍ରମୋଦ ମହାରଣା,ବିଶିଷ୍ଟ ଗୋଟିପୁଅ ଗୁରୁ ବସନ୍ତ ମହାରଣା,ଉଦଘୋଷକ ଭୁବନେଶ୍ୱର ମହାପାତ୍ର ଏବଂ ଯୁବ ସଂଗଠକ ରଘୁନାଥ ଦାସଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ପୁରୀ ଜିଲ୍ଲା ହସ୍ତଶିଳ୍ପର ସହ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ, ବିଶିଷ୍ଟ ଶିଳ୍ପୀ ଗୁରୁ ବନମାଳୀ ମହାପାତ୍ର, ଶିଳ୍ପୀ ଗୁରୁ ଦୀନବନ୍ଧୁ ମହାପାତ୍ର, ଦିଲ୍ଲୀର କଳା ନିର୍ଦ୍ଦେଶକ ରାଜେଶ ମୟୁରିଆ ଏଥିରେ ଯୋଗ ଦେଇଥିଲେ। ଅନ୍ତିମ ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀମତୀ ସାହୁ ଓ ଓଡିଶା ମୋ ପରିବାର ସଂଯୋଜକ ଶୁଭାଶିଷ ଖୁଂଟିଆ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଭୁବନେଶ୍ୱରର ରାଧାକୃଷ୍ଣ କଳାକୁଞ୍ଜର କଳାକାର ମାନେ ଗୁରୁ ମିନତୀ ପ୍ରଧାନଙ୍କ ନୃତ୍ୟ ସରଂଚନାରେ ଓଡ଼ିଶୀ ନୃତ୍ୟ ଏବଂ ଗୁରୁ ଅଶୋକ ଦାସଙ୍କ ନିର୍ଦ୍ଦେଶନାରେ ପୁରୀର ନବପ୍ରତିଭାର କଳାକାର ମାନେ ନୃତ୍ୟ ନାଟିକା କାଳିଜାଇ ପରିବେଷଣ କରିଥିଲେ।ତିନିଦିନିଆ ଏହି କାର୍ଯ୍ୟକ୍ରମକୁ ଅଧିବକ୍ତା ଅଞ୍ଜନ ହୋତା ସଂଯୋଜନା ଓ କଳାକ୍ଷେତ୍ରର ସଭାପତି କୈଳାଶ ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ପଥରପଦା ନେତାଜୀ କ୍ଲବର ୨୭ ତମ ବାର୍ଷିକୋତ୍ସବ ଉଦ୍‌ଘାଟିତ

କୋରେଇ,(ପିଏନ)- ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୨୭ ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଆଜି ଉଦ୍ଘାଟିତ ହୋଇଛି । ଗତ ବର୍ଷ କୋଭିଡ କଟକଣା ଯୋଗୁ ସମସ୍ତ ସାଂସ୍କୃତିକ ଓ ପ୍ରଭାତ ଫେରି, ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତାକୁ ବନ୍ଦ ରଖାଯାଇଥିଲା । ଚଳିତ ବର୍ଷ ଏହାକୁ ମହାଆଡ଼ମ୍ବରରେ ପାଳିତ କରାଯାଇଛି । ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରୱାଲଙ୍କ ଦ୍ୱାରା ସକାଳୁ ନେତାଜୀଙ୍କ ପ୍ରତିମୂର୍ତିରେ ମଲ୍ୟାପର୍ଣ କରାଯିବା ସହ କ୍ଲବର ପତାକା ସନ୍ତୋଷ କୁମାର ବେହେରାଙ୍କ ଦ୍ୱାରା ଉତୋଳନ କରାଯାଇ ନେତାଜୀ ଜ୍ୟୋତିରେ ଅଗ୍ନୀ ସଂଯୋଗ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ କ୍ଲବର ଉପଦେଷ୍ଟା ବରିଷ୍ଠ ସମ୍ବାଦିକ ସୁବାସ ଧଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡାଇ, ପୂର୍ବତନ ସରପଂଚ କାର୍ତିକ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ସ୍ୱପ୍ନାନନ୍ଦ ଦାସ. ସେକ ଜହର ଅଲ୍ଲୀ, ନାରାୟଣ ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଂଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ନେତାଜୀ ଜ୍ୟୋତି ପାଣିକୋଇଲି ବଜାର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତ୍ର/ ଛାତ୍ରୀ ଭାଗ ନେଇଥିଲେ । ଏସବିଡି ଇନଂଟନେସନାଲ ସ୍କୁଲ, ନେମ ଏଣ୍ଡ ଫେମ ସ୍କୁଲ,ସରସ୍ୱତୀ ଶିଶୁ ମନ୍ଦିର, ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲ, ସ୍ୱାମୀ ବିବେକାନନ୍ଦ ଇଂଲିସ ମିଡିୟମ ସ୍କୁଲ, ଭିମ ରେସିଡେଂଟାଲ ସ୍କୁଲ, ଏସଟି ମେରୀ ସ୍କୁଲ, ଆଦର୍ଶ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଜାଭିଅର ଇଂଟରନେସନାଲ ସ୍କୁଲ, ବଡବିରୁହାଁ ହାଇସ୍କୁଲ, ରୁଢିଆ ହାଇସ୍କୁଲରୁ ଛାତ୍ର/ ଛାତ୍ରୀ ମାନେ ସହସ୍ରାଧିକ ସଂଖ୍ୟାରେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ର/ଛାତ୍ରୀ ମାନଙ୍କୁ ନେଇ ନେତାଜୀଙ୍କ ବିଶ୍ୱ ନେତୃତ୍ୱ ସର୍ମ୍ପକୀତ ବିଷୟ ବସ୍ତୁ କୁ ନେଇ ବକ୍ତୃତା ପ୍ରତିଯୋଗୀତା କରାଯାଇଥିଲା । ୧୫୦ରୁ ଉର୍ଦ୍ଧ ଛାତ୍ର/ଛାତ୍ରୀ ଏଥିରେ ଭାଗ ନେଇତ୍ଲେ । ମା ତାରିଣୀ ମହାବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ଦଳାଇ, ପ୍ରଶାନ୍ତ କୁମାର ଘଡାଇ ଓ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତ ବିଚାରକ ଭାବେ ଯୋଗଦେଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact

Near Mukteswar Temple, Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Pragyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


# ନୂଆ ଗର୍ଭପାତ ଆଇନ



**ଗ**ର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍-୨୦୨୦ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ବୁଧବାରର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ସଂଶୋଧନ ବିଲ ୨୦୨୦କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ କି ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା'ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ କି ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା କି ଗର୍ଭପାତ ସମୟସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭ ଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ କି ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସଲ୍ୟାଣ୍ଡ, ନରୱେ, ଫିନଲ୍ୟାଣ୍ଡ, ସ୍ୱିଡ଼େନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡ଼େନମାର୍କ, ଘାନା, କ୍ୟାନାଡା, ଜର୍ମାନୀ, ଭିଏତନାମ ଓ ଜିମ୍ବାୱେ ଭଳି ଦେଶରେ ଯେ କୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୂଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଓ ସର୍ତ୍ତ ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି। ଯାହାଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁସହ ମାଆର ବି ମୃତ୍ୟୁ ହୋଇଥାଏ। ମାତୃତ୍ୱର ପ୍ରଥମ ପର୍ଯ୍ୟାୟ ହେଉଛି ଗର୍ଭାବସ୍ଥା। କୁହାଯାଏ ଯେ ଗର୍ଭାବସ୍ଥାରେ ନାରୀଟିର ମୁହଁରୁ ମାତୃତ୍ୱର ଆଭା ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥାଏ । କିନ୍ତୁ ଆମ ଦେଶରେ ଏହି ମାତୃତ୍ୱର ପ୍ରଥମ ପର୍ଯ୍ୟାୟଟିରେ ହିଁ ଲକ୍ଷ ଲକ୍ଷ ମହିଳା ସବୁଦିନ ପାଇଁ ଆଖି ବୁଜିଥାନ୍ତି। ପ୍ରାକୃତିକ ଭାବେ ଯଥା ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଭାରୀ ଓଜନ ଉଠାଇବା ଇତ୍ୟାଦି କାରଣରୁ ମିସ୍‌କ୍ୟାରେଜ୍ ହୋଇଥାଏ। ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୂଣଟିର ନଷ୍ଟ କରାଯାଇଥାଏ। ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁଁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟିର ଜନ୍ମ ପରେ ବିକଳାଙ୍ଗ ହେବାର ଆଶଂକା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ। ଯାହାକୁ ଥେରାପେଟିକ୍ ଆବର୍ସନ କୁହାଯାଏ। ସେହିପରି କେତେକ ମହିଳାଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବ୍ୟବସ୍ଥା ବିଫଳ ହେଲେ ଇତ୍ୟାଦି କାରଣରୁ ଗର୍ଭପାତ କରାଯାଇଥାଏ, ଯାହାକୁ ଇଲେକ୍‌ଟିଭ୍ ଆବର୍ସନ କୁହାଯାଏ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡ଼ିକାଲ ଟର୍ମିନେସନ୍ ଅଫ୍ ପ୍ରେଗେନାନ୍ସି ବା ଏମଟିପି ଆକ୍ଟ କାର୍ଯ୍ୟକାରୀ ହେଲା। ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ଧର୍ଷଣର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥାନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ପଚିଶ ପ୍ରତିଶତ ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ପନ୍ଦର ପ୍ରତିଶତ, ଅସୁରକ୍ଷିତ ଗର୍ଭପାତ କାରଣରୁ ତେର ପ୍ରତିଶତ, ଅସହ୍ୟ ପ୍ରସବ ବେଦନା ପାଇଁ ଆଠ ପ୍ରତିଶତ, ଏକ୍ଲାମ୍ପସିଆ କାରଣରୁ ବାର ପ୍ରତିଶତ, ଅନ୍ୟାନ୍ୟ ପରିପାର୍ଶ୍ୱିକ କାରଣ ପାଇଁ ଆଠ ପ୍ରତିଶତ ଓ ପରୋକ୍ଷ କାରଣ ପାଇଁ ଉଣେଇଶ ପ୍ରତିଶତ ଗର୍ଭବତୀ ଆଖି ବୁଜିଥାନ୍ତି । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ । ଏହା ମଧ୍ୟରୁ ସତାନବେ ପ୍ରତିଶତ ବିକାଶୋନ୍ମୁଖୀ ଦେଶମାନଙ୍କରେ ହୋଇଥାଏ । ଯାହାଦ୍ୱାରା ପ୍ରତିବର୍ଷ ଅନୁନ୍ୟ ଅଢ଼ଷଠି ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃମୃତ୍ୟୁ ହାର ହେଉଛି ସେଥିମଧ୍ୟରୁ ତେର ପ୍ରତିଶତ ଅସୁରକ୍ଷିତ ଗର୍ଭପାତ ଯୋଗୁଁ ହୋଇଥାଏ । ସେହିପରି ପାଞ୍ଚ ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି।

ସ୍ୱାସ୍ଥ୍ୟ, ଶିକ୍ଷାର ଅଭାବ, ଜନ୍ମ ନିୟନ୍ତ୍ରଣ ତଥା ଅନୁନ୍ନତ ସ୍ୱାସ୍ଥ୍ୟ ସେବା ଗର୍ଭପାତ ଦ୍ୱାରା ହେଉଥିବା ମୃତ୍ୟୁର ପ୍ରମୁଖ କାରଣ । ସେହିପରି ଗର୍ଭପାତକୁ ଆଇନ ସମ୍ମତ କରାନଯିବା ଯୋଗୁଁ ମଧ୍ୟ ସମସ୍ୟା ଦେଖାଯାଇଥାଏ । ଯେଉଁ ଦେଶ ମାନଙ୍କରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବାର ଜଣାଯାଏ । ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀ ମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତ ଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫ପ୍ରତିଶତ କମାଇ ଦିଆଯାଇପାରନ୍ତା । ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥାନ୍ତି । ତେବେ ଗର୍ଭପାତ ପାଇଁ ମନ ନବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

**ଡାକ୍ତର କାନ୍ତୀ ନାୟକ,** ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ: ୯୪୩୭୬୬୬୪୫୩

# କାଁପଡ଼ାବିନ୍ଧା ଗ୍ରାମର ୩୦୦ ଏକରରୁ ଉର୍ଦ୍ଧ୍ୱ ମୁଗବିଲରେ ପାଣି, ଶହଶହ ଚାଷୀ ହତାଶ, କ୍ଷତିପୂରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଭଦ୍ରକ, (ପିଏନ)-** ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତ ଅଧୀନ କାଁପଡ଼ା ବିନ୍ଧା ଗ୍ରାମର ୩୦୦ଏକରରୁ ଉର୍ଦ୍ଧ୍ୱ ମୁଗ ଚାଷ ହୋଇଥିବା ଜମିରେ ପାଣି ପଶି ଯାଇଛି। ଯାହାଫଳରେ ମୁଗଫସଲ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି। ଗ୍ରାମର ଶହଶହ ଚାଷୀ ମୁଣ୍ଡରେ ହାତ ଦେଇ ହତାଶ ହୋଇଛନ୍ତି। ମୁଗ ଫସଲ କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶନିବାର ଗ୍ରାମର ୱାର୍ଡ଼ସଭ୍ୟା କୁନ୍ତଳା ମଳିକ, ସୁଚିତ୍ରା ମଳିକ, ଅନ୍ନପୂର୍ଣ୍ଣା ମଳିକ, ପ୍ରତାପ ଚନ୍ଦ୍ର ମଳିକ, ପଦ୍ମନାଭ ମଳିକ, ଶଶିକାନ୍ତ ମଳିକ, ସଂଜୟ ମଳିକ, ରମାକାନ୍ତ ମଳିକ, ରତିକାନ୍ତ ମଳିକ, ଡମ୍ବରୁଧର ଦାସ, କୁଳମଣି ମଳିକ, ଶାନ୍ତିଲତା ଦାସ, ରମାକାନ୍ତ ମଳିକ, ନିର୍ମଳ ଚନ୍ଦ୍ର ମଳିକ, ନିରାକାର ମଳିକ, କାଳନ୍ଦୀ ମଳିକ, ସୁରେଶ କୁମାର ମଳିକ, ମଂଜୁଲତା ଦାସ ପ୍ରମୁଖଙ୍କ ସହିତ ଶତାଧିକ ଚାଷୀ ଜିଲାପାଳଙ୍କୁ ଭେଟି କ୍ଷତିପୂରଣ ଯୋଗାଇ ଦେବା ନେଇ ଦାବି କରିଛନ୍ତି। ଏଥିସହିତ ସେମାନେ ବ୍ଲକ ଅଧିକ୍ଷା, ବ୍ଲକ କୃଷି ଅଧିକାରୀ, ତହସିଲଦାର ପ୍ରମୁଖଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କାଁପଡ଼ା ପଞ୍ଚାୟତ ଏକ ବନ୍ୟା ପ୍ଲାବିତ ପଞ୍ଚାୟତ ଭାବେ ପରିଗଣିତ ହୋଇଛି। ପ୍ରତିବର୍ଷ ଖରିଫ ଋତୁରେ ବନ୍ୟା ଆସି ଧାନଚାଷ ନଷ୍ଟ ହୋଇଥାଏ। ପରେ ଚାଷୀମାନେ ବିଲରେ ମୁଗ ଫସଲ ସହିତ ଅନ୍ୟାନ୍ୟ ଫସଲ କରି ଜୀବିକା ନିର୍ବାହ କରିଥାନ୍ତି। ଏହି ରବିଫସଲରୁ ଚାଷୀମାନେ ଆମଦାନି କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ଋଣ ସୁଝିବା ଓ ପରିବାରର ଅତ୍ୟାବଶ୍ୟକ କାର୍ଯ୍ୟ କରିଥାନ୍ତି। କୃଷି ବିଭାଗ ପକ୍ଷରୁ ଯେଉଁ ମୁଗ ବିହନ ଯୋଗାଇ ଦିଆଯାଏ ତାହା ସମସ୍ତ ଜମି ପାଇଁ ନିଅ ହୁଏ। ଯାହାଫଳରେ ଚାଷୀମାନେ ନିଜ ଟଙ୍କାରେ ମୁଗ ବିହନ କ୍ରୟ କରି ଚାଷ କରିଥାନ୍ତି। ଏବେ ମୁଗ ଚାଷ ଜମିରେ ଦଶମୌଜା ଓ ଗୋପାଳିଆ କେନାଲର ପାଣି ମାଡ଼ି ଯାଇଥିବାରୁ ମୁଗ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ରବିବାର ଖବର ପାଇ କାଁପଡ଼ା ସରପ କୁନ୍ତଳା ମଳିକ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ମୁଗ ଚାଷ ଜମି ନିକଟକୁ ଯାଇ ଦେଖିବା ସହିତ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରଙ୍କ ତରଫରୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ପରାକ୍ରମ ଦିବସ'ରେ ୫୦୦ କେନ୍ଦ୍ରୀୟ ବିଦ୍ୟାଳୟରେ ଆୟୋଜନ କରାଯିବ ଦେଶବ୍ୟାପୀ ଚିତ୍ରାକଳା ପ୍ରତିଯୋଗିତା

ନୂଆଦିଲ୍ଲୀ, (ପିଏନ)- ଛାତ୍ରଛାତ୍ରୀଙ୍କ ଉପରୁ ପରୀକ୍ଷାର ଚାପ ଦୂର କରିବା ଲାଗି ଏକ ଅଭିନବ ପ୍ରୟାସ ସ୍ୱରୂପ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଆୟୋଜନ କରାଯିବା କ୍ରମରେ ୨୩ ଜାନୁଆରୀ ୨୦୨୩ରେ ସାରା ଦେଶର ୫୦୦ ଭିନ୍ନ ଭିନ୍ନ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ରାଷ୍ଟ୍ରବ୍ୟାପୀ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯିବ । ଜାନୁଆରୀ ୨୩ ତାରିଖରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଭାରତ ସରକାର ଏହି ଦିନକୁ ପରାକ୍ରମ ଦିବସ ଭାବେ ପାଳନ କରି ଆସୁଛନ୍ତି । ଛାତ୍ରଛାତ୍ରୀଙ୍କୁ ନେତାଜୀଙ୍କ ଜୀବନୀରେ ଅନୁପ୍ରାଣିତ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏପରି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ।

ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଅଭିବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ଲାଗି ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆସନ୍ତାକାଲି ଚିତ୍ରକଳା ପ୍ରତିଯୋଗିତା ସହିତ ସାରା ଦେଶର ବିଦ୍ୟାଳୟରେ ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଆୟୋଜନ କରାଯାଉଛି।

ଚିତ୍ରକଳା ପ୍ରତିଯୋଗିତାରେ ବିଭିନ୍ନ ସିବିଏସଇ ବିଦ୍ୟାଳୟର, ରାଜ୍ୟ ବୋର୍ଡ, ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ର ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କର ସୃଜନଶୀଳ ଅଭିବ୍ୟକ୍ତି ପ୍ରକାଶ କରିବେ ବୋଲି ଆଶା କରାଯାଉଛି । ପ୍ରତିଯୋଗିତାର ବିଷୟବସ୍ତୁ 'ଏଗଜାମ ୱାରିଅର' ପୁସ୍ତକ ଉପରେ ଆଧାରିତ ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେଖିଛନ୍ତି ।ସାରା ଦେଶର ମୋଟ୍ ୫୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ଚିତ୍ରକଳା ପ୍ରତିଯୋଗିତାରେ ଭାଗ ନେବେ ବୋଲି ଆଶା କରାଯାଉଛି। ଯେଉଁ ନୋଡାଲ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରତିଯୋଗିତା ଆୟୋଜନ କରାଯିବ ସେଠାରେ ବିଭିନ୍ନ ସ୍କୁଲର ୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ନିକଟସ୍ଥ ରାଜ୍ୟ ବୋର୍ଡ ଏବଂ ସିବିଏସଇ ସ୍କୁଲରୁ ୭୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ନବୋଦୟ ବିଦ୍ୟାଳୟର ୧୦ ଏବଂ ନୋଡାଲ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ଅନ୍ୟ କେନ୍ଦ୍ରୀୟ ବିଦ୍ୟାଳୟର ୨୦ ଛାତ୍ରଛାତ୍ରୀ ଏଥିରେ ଭାଗ ନେବେ।

ଶ୍ରେଷ୍ଠ ବିବେଚିତ ୫ ଜଣ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଏବଂ ଜାତୀୟ ଗୁରୁତ୍ୱ ବହନ କରୁଥିବା ବିଷୟ ଉପରେ ଏକ ବହି ସେଟ୍ ଦିଆଯିବା ସହିତ ଏକ ପ୍ରମାଣପତ୍ର ମିଳିବ। ଛାତ୍ରଛାତ୍ରୀ ଓ ଶିକ୍ଷକ ମହଲରେ ପ୍ରତିଯୋଗିତାକୁ ନେଇ ବିଶେଷ ଆଗ୍ରହ ଦେଖିବାକୁ ମିଳିଛି।




# କଦମପଡା ଶିଶୁମନ୍ଦିରରେ 'ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ' ପାଳିତ

ବଲାଙ୍ଗିର, (ପି.ଏନ): କଦମପଡାସ୍ଥିତ ସରସ୍ୱତୀ ଶିଶୁ-ବିଦ୍ୟା-ଜ୍ଞାନ ମନ୍ଦିରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ରୂପେ ଶିକ୍ଷାବିକାଶ ସମିତିର ପୂର୍ବତନ ଛାତ୍ର ପରିଷଦର ସଂପାଦକ ତଥା ବଲାଙ୍ଗୀର ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଶ୍ରୀମାନ ସୌମ୍ୟରଞ୍ଜନ ମିଶ୍ର ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁବ୍ରତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ ଯେ, ନେତାଜୀ ବିବେକାନନ୍ଦଙ୍କ ଜୀବନ ଚରିତ୍ରରେ ଅନୁପ୍ରାଣିତ ହୋଇ ପୂର୍ଣ୍ଣ ସ୍ୱରାଜକୁ ଏକାନ୍ତ କାମ୍ୟ କରି ଆମରଣ ଲଢେଇ କରିଥିଲେ । ବିଦ୍ୟାଳୟର ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ଶିଶୁଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ବୀର ସୁରେନ୍ଦ୍ର ସାଏ ଆମ ଅଂଚଳର ଗୌରବ ତଥା ନିଜ ଦେଶର ମୁକ୍ତି ପାଇଁ କରିଥିବା ଲଢେଇରୁ ଆମେ ରାଷ୍ଟ୍ରୀୟ କର୍ତବ୍ୟ ଶିକ୍ଷା କରିବା ଉଚିତ । ଛାତ୍ରୀ ସ୍ନେହାଞ୍ଜଳୀ ପଣ୍ଡା, ସ୍ୱାତୀ ଦାଶ, ପ୍ରତୀକ୍ଷା ନିଆଳ, ଅରୋସ୍ମିତା ଦେବୀ ବେହେରା, ଭାଗ୍ୟଶ୍ରୀ ମହାପାତ୍ର, ପୁଷ୍ପିତା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶିଶୁବକ୍ତା ରୂପେ ରାଜନନ୍ଦିନୀ ବେହେରା, ସ୍ମରଣିକା ଦାଶ, ସୌମ୍ୟଶ୍ରୀ ସୁବୁଦ୍ଧି, ଅଂଶୁମାନ ପଣ୍ଡା ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ । ଗୁରୁଜୀ ବକ୍ତା ସଂଜୟ ପୁରୋହିତ ଶିଶୁଙ୍କୁ ନେତାଜୀଙ୍କ ପରି ସୁଦୃଢ ଓ ରାଷ୍ଟ୍ରପ୍ରେମୀ ହେବା ପାଇଁ ଆହ୍ୱାନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ଭଉଣୀ ପ୍ରିୟଙ୍କା ସାହୁ ଓ ରେଶ୍ମା ମେହେର ସଂଯୋଜନା କରିଥିବା ବେଳେ ଗୁରୁମା ନିରୁପମା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଗୁରୁମା କଲ୍ୟାଣୀ ପଣ୍ଡାଙ୍କ ନିର୍ଦ୍ଦେଶନା ତଥା ସମସ୍ତ ଗୁରୁଜୀ/ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା । ଆଜି ଅପରାହ୍ନ ୩ଟା ସମୟରେ ବିଦ୍ୟାଳୟର 'ପୂର୍ବଛାତ୍ର ଏକତ୍ରୀ କରଣ' ଅନୁଷ୍ଠିତ ହୋଇଥିଲା । ସ୍ୱାଗତ ସଙ୍ଗୀତ ପରେ ପ୍ରଧାନାଚାର୍ଯ୍ୟ ଅତିଥି ପରିଚୟ କରିଥିଲେ । ବ୍ୟକ୍ତିଗତ ଗୀତ ପୂର୍ବଛାତ୍ରୀ ଅଂଶିକା ପତିଙ୍କ ଦ୍ୱାରା ଗାନ ପରେ, ଅତିଥି ରୁପେ ଶିକ୍ଷାବିକାଶ ସମିତିର ଦକ୍ଷିଣ-ପଶ୍ଚିମ ସମ୍ଭାଗର କୋଷାଧ୍ୟକ୍ଷ ଦତାନନ୍ଦ ପଣ୍ଡା ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ବିଦ୍ୟାଳୟର ବହୁବିଧ ଉନ୍ନତି ତଥା ସମାଜ ସହ ସଶକ୍ତ ଯୋଗାଯୋଗ ଦାୟିତ୍ୱ ସେମାନେ ନେବା ଉଚିତ । ଏହି କର୍ଯ୍ୟକ୍ରମରେ ୫୫ ଜଣ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦକ୍ଷିଣ-ପଶ୍ଚିମ ସଂଭାଗର ପୂର୍ବ ଛାତ୍ରଛାତ୍ରୀ ପରିଷଦର ସଂପାଦକ ଶ୍ରୀମାନ ସୌମ୍ୟରଞ୍ଜନ ମିଶ୍ର, ବିଦ୍ୟାଳୟର ଉପସଭାପତି ବୀରେନ୍ଦ୍ର ଧରୁଆ, ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ସଭାମଣ୍ଡନ କରିଥିଲେ ।

# ମୃତ ମନୋରଞ୍ଜନଙ୍କ ପତ୍ନୀ ମିଲି ହିଁ ମୁଖ୍ୟ ଅଭିଯୁକ୍ତ :ଏସପି

ଖୋର୍ଦ୍ଧା, (ପି.ଏନ): ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ମନୋରଞ୍ଜନ ମହାପାତ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ମୃତକଙ୍କ ପତ୍ନୀଙ୍କ ସମେତ ଅନ୍ୟ ଦୁଇ ସହଯୋଗୀ ତଥା ଭାଇ ଓ ବନ୍ଧୁଙ୍କୁ ଗିରଫ କରିଛି। ଏ ନେଇ ସୋମବାର ନାଚୁଣୀ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି ।ଏସପିଙ୍କ ସୂଚନା ମୁତାବକ, ମୃତକ ମନୋରଞ୍ଜନ ମହାପାତ୍ର (୩୫) ଚାନ୍ଦପୁର ଥାନା ରାଜ ଜଙ୍କିଆ ଗ୍ରାମର ମିଲି ଦାସ (୨୫)ଙ୍କୁ ବିବାହ କରିଥିଲେ। ତେବେ ନିଜ ଗ୍ରାମ ରଣପୁରରେ ସ୍ଥାନୀୟ ଅଂଚଳବାସୀଙ୍କ ସହ ମନୋରଞ୍ଜନଙ୍କର ସମ୍ପର୍କ ଭଲ ନଥିଲା। ତେଣୁ ସେ ତାଙ୍କ ପରିବାର ସହ ଟାଙ୍ଗୀ ଥାନା ଚଣ୍ଡେଶ୍ୱର ଅଂଚଳରେ ରହୁଥିଲେ। ମନୋରଞ୍ଜନ ଜଣେ ଆନ୍ତଃ ଜିଲ୍ଲା ଡ଼କାୟତ ହୋଇଥିବାରୁ ତାଙ୍କ ବିରୁଦ୍ଧରେ ନୟାଗଡ଼ ଜିଲ୍ଲାର ଦୁଇଟି ଡ଼କାୟତ ମାମଲାରେ ଜାମିନ ବିହୀନ ଗିରଫ ପରଓ୍ୱାନା ମଧ୍ୟ ଜାରି କରାଯାଇଥିଲା। ତେବେ ସେ ସର୍ବଦା ମଦ୍ୟପାନ କରି ନିଜ ପତ୍ନୀ ମିଲିଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଗତ ୨୦ ତାରିଖ ଦିନ ମନୋରଞ୍ଜନ ପ୍ରଚୁର ମଦ୍ୟପାନ କରି ପତ୍ନୀ ମିଲିଙ୍କୁ ଅମାନୁଷିକ ଭାବେ ପିଟି ଥିଲେ। ଫଳରେ ମନୋରଞ୍ଜନଙ୍କ ଅତ୍ୟାଚାର ଅସହ୍ୟ ହେବାରୁ ମିଲି ନିଜ ସ୍ୱାମୀଙ୍କଠୁ ମୁକ୍ତି ପାଇବା ପାଇଁ ତାଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟେଇବା ତଥା ହତ୍ୟା କରିବା ପାଇଁ ବ୍ଲୁପ୍ରିଂଟ ପ୍ରସ୍ତୁତ କରିଥିଲେ। ଏଥିପାଇଁ ସେ ଟାଙ୍ଗୀ ଥାନା ଅଂଚଳର ତାଙ୍କର ଜଣେ ସାଙ୍ଗ ବିକ୍ରମ କୁମାର ସାହୁ (୨୯) ଏବଂ ଚାନ୍ଦପୁର ଥାନା ଅଂଚଳର ସମ୍ପର୍କୀୟ ଭାଇ ମିଟୁ ଦାସ (୨୬)ଙ୍କୁ ଯୋଗାଯୋଗ କରିଥିଲେ। ପରେ ୨୧ ତାରିଖ ସଂନ୍ଧ୍ୟାରେ ଅଭିଯୁକ୍ତ ବିକ୍ରମ ଚାନ୍ଦପୁର ବଜାରରୁ ଏକ ସୁଟକେସ କିଣି ମନୋରଞ୍ଜନଙ୍କ ଚଣ୍ଡେଶ୍ୱରସ୍ଥିତ ଘରକୁ ଯାଇଥିଲେ।

# ଭାରତ ଯୋଡ଼ ଓଡ଼ିଶା ପରିବର୍ତନ ଯାତ୍ରା ବଲାଙ୍ଗିର ଜିଲ୍ଲା ବେଲଗାଁ ଠାରେ ପହଂଚିଲା



ଭୁବନେଶ୍ୱର ,(ପି.ଏନ) : ଆଜି ପ୍ରଦେଶ କଂଗ୍ରେସର ଓଡ଼ିଶା ପରିବର୍ତନ-ଭାରତ ଯୋଡ଼ ଯାତ୍ରା ବଲାଙ୍ଗିର ଜିଲ୍ଲା ଚେରୁ ପାଲିଠାରୁ ବାହାରି ଲୋଇସିଂହା ସାଲେଭଟ୍ଟରେ ପହଂଚିବା ପରେ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ବଲାଙ୍ଗିର ଲୋକସଭାର କଂଗ୍ରେସ ପ୍ରାର୍ଥୀ ଶ୍ରୀ ସମରେନ୍ଦ୍ର ମିଶ୍ର ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଏହି ପଦଯାତ୍ରାରେ ପ୍ରଦେଶ କଂଗ୍ରେସ ସଭାପତି ବଲାଙ୍ଗିର ଜିଲ୍ଲାର କୃଷକ, ଯୁବକ, ଛାତ୍ର, ଶ୍ରମିକ, ମହିଳା, ଆଦିବାସୀ ଓ ଦଳିତ ବର୍ଗର ଜନସାଧାରଣଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଲୋଇସିଂହା ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଦେଶ କଂଗ୍ରେସ ସଭାପତି ଜିଲ୍ଲାର ସରପଂଚ ସଂଘର କାର୍ଯ୍ୟକର୍ତା ମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଆମ ରାଜ୍ୟରେ ବାସହୀନ ଗରିବ ଜନସାଧାରଣ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ବାସଗୃହ ଯୋଗାଇ ଦେବା ପାଇଁ ଯେଉଁ ପରି ପାତର ଅନ୍ତର କରାଯାଉଛି ଏବଂ ସରକାରୀ ଓ ଦଳୀୟ ନେତାଙ୍କ ଫଟୋ ଲଗାଇ ବାହାବା ନେବାକୁ କଳି ଚାଲିଛି, ତାହା ରାଜ୍ୟର ବାସହୀନଙ୍କ ପ୍ରତି କ୍ରୁର ଉପହାସ ହୋଇଛି। କେନ୍ଦ୍ରରେ ମୋଦୀ ସରକାର ଓ ରାଜ୍ୟରେ ନବୀନ ସରକାର ଉଭୟ ଏହି ଘର ପ୍ରଦାନ କରୁଥିବା ଦାବି କରୁଥିଲାବେଳେ ଏହି ବାସଗୃହ ଯୋଜନା କେବଳ କେନ୍ଦ୍ରୀୟ ଯୋଜନା ଅଟେ। ଚାଷୀ ଆଜି ହନ୍ତସନ୍ତ, ଯୁବକ-ଯୁବତୀମାନେ ବେରୋଜଗାର, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ମହିଳା ମାନଙ୍କ ସମ୍ମାନ ଆଜି ଓଡ଼ିଶାରେ ଭୂଲୁଣ୍ଠିତ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ଏସବୁ ସମସ୍ୟା ସମାଧାନ ଦିଗରେ ସାମାନ୍ୟତମ ନିଷ୍ଠା ନାହିଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ସି.ଏସ୍. ରାଜନ ଏକ୍କା, ପୂର୍ବତନ ବିଧାୟକ - ସୁରେନ୍ଦ୍ର ସିଂହ ଭୋଇ, ଶୁଭେନ୍ଦୁ ମହାନ୍ତି, ମାନସ ଚୌଧୁରୀ, ବିଧୁ ଭୂଷଣ ତ୍ରିପାଠୀ, ଆକାଶ ମିଶ୍ର, ବାଙ୍କନିଧି ବେହେରା, ଜୀପନ କୁମାର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର, ନରୋତମ ନାଏକ, ନିରନ ନାଏକ, ମହିଳା କଂଗ୍ରେସ ନେତ୍ରୀ ମିଲନୀସାହୁ, ସିମ୍ରନ ସିଂ ଭୋଇ ଓ ସୋଭେନ ସିଂ ଭୋଇ ସମେତ ବହୁ ନାରୀ ନେତ୍ରୀ, ଯୁବକ, ଛାତ୍ର ଓ କୃଷକ ଏହି ପଦଯାତ୍ରାରେ ଯୋଡ଼ି ହୋଇଥିଲେ। ସ୍କୁଲ ଛାତ୍ର ଛାତ୍ରୀମାନେ ମହାତ୍ମା ଗାନ୍ଧୀ, ନେହେରୁ, ଇନ୍ଦିରା ଗାନ୍ଧୀ, ଆମ୍ବେଦକର ଓ ସୁବାଷ ବୋଷଙ୍କ ବେଷ ଭୁଷାରେ ସଜ୍ଜିତ ହୋଇ ପ୍ରଦେଶ କଂଗ୍ରେସର ଏହି ପଦଯାତ୍ରାକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ଆଦିବାସୀମାନେ ସେମାନଙ୍କର ପାରମ୍ପାରିକ ବାଦ୍ୟଯନ୍ତ୍ର ବଜାଇ ନାଚି ନାଚି କଂଗ୍ରେସର ଏହି ପଦଯାତ୍ରାକୁ ପାଛୋଟି ନେଇଥିଲେ।

ଆଜି ବଲାଙ୍ଗିର ଜିଲ୍ଲା ସଂଇତଳା ବେଲାଗୁଡ଼ିଆରେ କଂଗ୍ରେସ ପଦଯାତ୍ରୀମାନେ ରାତ୍ରୀ ଯାପନ କରିଥିବା ଜଣାଯାଇଛି।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

## ଏସୟୁଜେ ପକ୍ଷରୁ ଜାତୀୟ ସାମ୍ବାଦିକ ୟୁନିଅନର ୫୧ ତମ ପ୍ରତିଷ୍ଠା ଦିବସ ପାଳନ

କଟକ, (ପି.ଏନ): ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଓଡ଼ିଶା ପକ୍ଷରୁ ଆଜି କଟକ ଜିଲ୍ଲାର ଫୁଲନଖରା ଠାରେ ଜାତୀୟ ସାମ୍ବାଦିକ ୟୁନିଅନ (ଏୟୁଜେଆଇ) ର ୫୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏସୟୁଜେର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତା କ୍ରମେ ଏହି କାର୍ଯ୍ୟକ୍ରମରେ ଜାତୀୟ ସାମ୍ବାଦିକ ୟୁନିଅନର ସମ୍ପାଦକ ଅଜୟ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଆମ ରାଜ୍ୟ ଠାରୁ ଆରମ୍ଭ କରି ସମଗ୍ର ଦେଶରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କର ସାମାଜିକ ଓ ବୃତିଗତ ସୁରକ୍ଷା ପ୍ରତି ବର୍ତମାନ କିପରି ଆହ୍ୱାନ ସୃଷ୍ଟି ହୋଇଛି ସେ ନେଇ ଆଲୋଚନା କରିଥିଲେ। ତେବେ ଏହି ସର୍ବ ଭାରତୀୟ ସଂଗଠନ ଦେଶର ସାମ୍ବାଦିକ ମାନଙ୍କ ସ୍ୱାର୍ଥ ରକ୍ଷା ଓ ସୁରକ୍ଷା ପାଇଁ ଅହରହ କାର୍ଯ୍ୟ କରି ଆସୁଥିବା ବେଳେ କେନ୍ଦ୍ର ସରକାର ଖୁବଶିଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ପ୍ରତ୍ୟେକ କାର୍ଯ୍ୟରତ ଏବଂ କାର୍ଯ୍ୟରୁ ବିରତ ନେଇଥିବା ସାମ୍ବାଦିକଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କାର ଭତା ଓ ପେନସନ ପ୍ରଦାନ, ଜାତୀୟ ସ୍ତରରେ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ, ଓଡ଼ିଶା ରାଜ୍ୟ ସରକାରଙ୍କ ପରି କୋଭିଡ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ରାଶି ପ୍ରଦାନ ପାଇଁ ଶ୍ରୀ ସାହୁଙ୍କ ସମେତ ଅନ୍ୟ ନେତୃବୃନ୍ଦ ଦାବି କରିଥିଲେ।

# ପୋଲିସ ହାଇସ୍କୁଲରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ

ବଲାଙ୍ଗୀର, (ପି.ଏନ): ବଲାଙ୍ଗୀର ମନୋହରପୁର ପୋଲିସ ହାଇସ୍କୁଲ ଠାରେ ଆଜି ଦୁଇ ଓଡିଆ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ବିରାଟକେଶରୀ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସମ୍ମାନୀତ ଅତିଥି ଭାବରେ ପ୍ରେରଣା ଖବରକାଗଜର ସଂପାଦକ ରଘୁନନ୍ଦନ ସିଂହ ଓ ମୁଖ୍ୟବକ୍ତା ଭାବରେ କୁରୁଲ ହାଇସ୍କୁଲର ଶିକ୍ଷକ ତଥା ପ୍ରକୃତିବନ୍ଧୁ ଦିଗାମ୍ବର ନାଏକ ଯୋଗଦେଇଥିଲେ । ଅତିଥିଗଣ ସ୍ୱାଧିନତା ଆନ୍ଦୋଳନର ବୀରସଂଗ୍ରାମୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉଭୟଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ ବିଷୟରେ ସ୍ମୃତିଚାରଣ କରିଥିଲେ । ବୀର ସୁରେନ୍ଦ୍ର ସାଏ ଖିଣ୍ଡାମାଟିରୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ କରିଥିବା ବେଳେ ତାଙ୍କର ଦୁର୍ଦ୍ଦଶ ଗରିଲା ଯୁଦ୍ଧଆଗରେ ବ୍ରିଟିସ ସୈନିକ ହାର ମାନୁଥିଲେ । ବ୍ରିଟିସମାନେ ଛଳନାକରି ତାଙ୍କୁ ଗିରଫ କରି ଜୀବନର ଅଧା ସମୟ ଜେଲ ଦଣ୍ଡ ଦେଇଥିଲେ । ସେହିପରି ନେତାଜୀ ସୁଭାଷ ବୋଷ କେବଳ ଭାରତୀୟ ମୁକ୍ତିସଂଗ୍ରାମ ନୁହେଁ ସବୁସ୍ଥାନରେ ଗୁଲାମିକୁ ପ୍ରତିବାଦ କରୁଥିଲେ । ସେ ଓଡିଆପୁଅ ଭାବରେ ଓଡିଶାରେ ପାଠପଢି ପରେ କଲିକତା ଓ ତାପରେ ବ୍ରିଟେନ ଯାଇ ଆଇସିଏସ ପରୀକ୍ଷା ଦେଇ ପାସ ହୋଇଥିଲେ । କିନ୍ତୁ ସ୍ୱାଧିନଚେତା ମଣିଷ ବ୍ରିଟିସସାମ୍ରାଜ୍ୟର ଗୁଲାମ ନହୋଇ ଚାକିରି କରିବାକୁ ବିରୋଧ କରି ଶେଷରେ ସ୍ୱାଧିନତା ଆନ୍ଦୋଳନରେ ଝାସ ଦେଇଥିଲେ । ବ୍ରିଟିସ ଆଖିରୁ ଖସିଯାଇ ଜର୍ମାନୀରେ ଆଜାଦ ହିନ୍ଦ ଫୌଜ ଗଠନ କରି ଭାରତର ମୁକ୍ତି ପାଇଁ ଯୁଦ୍ଧର ଡାକରା ଦେଇଥିଲେ । ଉଭୟ ସ୍ୱାଧିନତା ସଂଗ୍ରାମୀ ନିଜ ଅଂଚଳ ତଥା ଦେଶ ପାଇଁ ଅନେକ ପରିଶ୍ରମ କରି କଠୋରଦଣ୍ଡ ଭୋଗିଥିଲେ । ହେଲେ ସ୍ୱାଧିନଚେତା ହୋଇଥିବାରୁ କାହାରି ବଶ୍ୟତା ସ୍ୱୀକାର କରିନଥିଲେ । ଆଜି ମଧ୍ୟ ସେଭଳି ଦେଶଭକ୍ତଙ୍କର ଆବଶ୍ୟକତା ରହିଛି । ସୁଭାଷଙ୍କ ଫୌଜରେ ଯୁବତୀମାନେ ପ୍ରମୁଖ ଭୂମିକା ନେଇଥିଲେ । ତେଣୁ ଛାତ୍ରଛାତ୍ରୀ ସଂକଳ୍ପନେଇ ପରିଶ୍ରମି ଓ ସ୍ୱାଧିନଚେତା ହେଲେ ଆମ ଦେଶ ଆଗେଇ ଯିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗୀତାର କୃତୀଛାତ୍ରୀ ସୌଦାମିନୀ ଦତ ଓ ରୋଜାଲିନ ମହାକୁରଙ୍କୁ ମେମେଂଟୋ ଦେଇ ପୁରସ୍କୃତ କରାଯାଇଥିଲା । ନବମ ଶ୍ରେଣୀର ଛାତ୍ରୀ ସୌଦାମିନୀ ଦତ ଓ ଦଶମ ଶ୍ରେଣୀଛାତ୍ରୀ ରାଜେଶ୍ୱରୀ ମାଟକାମୀ ବୀର ସୁରେନ୍ଦ୍ର ଓ ନେତାଜୀଙ୍କ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଶେଷରେ ସ୍କୁଲର ଶିକ୍ଷକ ସରୋଜ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର କର୍ମଚାରୀ କୃଷ୍ଣପ୍ରୀୟା ପଣ୍ଡା, ଚତୁର୍ଥଶ୍ରେଣୀ କର୍ମଚାରୀ ଶରତ ନାଗ, ସ୍କୁଲର ପୁରାତନ ଛାତ୍ର ସଂଘର ସଭାପତି ଗୋବିନ୍ଦ ବହିଦାର, ସଂପାଦକ ଜୟକୃଷ୍ଣ ରଣା ଓ ଚୈତନ୍ୟ ସା ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର-୨୦୨୩

ନୂଆଦିଲ୍ଲୀ, (ପି.ଏନ):୨୦୨୩ ବର୍ଷ ପାଇଁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଓସ୍‌ଡମା) ଏବଂ ମିଜୋରାମର ଲୁଙ୍ଗଲେଇ ଦମକଳ କେନ୍ଦ୍ର ଅନୁଷ୍ଠାନ ବର୍ଗରେ ସୁଭାଷ ଚନ୍ଦ୍ର ବୋଷ ଅପଦା ପ୍ରବନ୍ଧନ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ଦୁଇ ସଂସ୍ଥା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପାଇବେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ଭାରତ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ଏହି ସମ୍ମାନଜନକ ପୁରସ୍କାର ପ୍ରବର୍ତ୍ତନ କରିଛନ୍ତି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅମୂଲ୍ୟ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନର କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ ସହିତ ସେମାନଙ୍କୁ ପୁରସ୍କୃତ କରିବାକୁ ଏହି ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର-୨୦୨୩ ଉଦ୍ଦିଷ୍ଟ । ପ୍ରତିବର୍ଷ ନେତାଜୀ ଜୟନ୍ତୀ ଜାନୁୟାରୀ ୨୩ତାରିଖରେ ଏହି ପୁରସ୍କାର ଘୋଷଣା କରାଯାଇଥାଏ । ପୁରସ୍କାର ବାବଦରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ୫ଲକ୍ଷ ଟଙ୍କାର ନଗଦ ଅର୍ଥ ଓ ପ୍ରମାଣପତ୍ର ଦିଆଯାଏ । କୌଣସି ଅନୁଷ୍ଠାନ ଯଦି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୁଏ ତାହେଲେ ତାହାକୁ ନଗଦ ୫୧ଲକ୍ଷ ଟଙ୍କା ଓ ପ୍ରମାଣପତ୍ର ଦେବାର ବ୍ୟବସ୍ଥା ରହିଛି । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଦିଗ୍‌ଦର୍ଶନରେ ଦେଶ ବିପର୍ଯ୍ୟୟ ପରିଚାଳନା ନୀତି, ପ୍ରସ୍ତୁତି, ବିପର୍ଯ୍ୟୟ ହ୍ରାସ ଓ ମୁକାବିଲା ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି କରିଛି । ଏହା ଫଳରେ ପ୍ରାକୃତିକ ବିପତ୍ତିଜନିତ ମୃତାହତଙ୍କ ସଂଖ୍ୟା ଏବଂ କ୍ଷୟକ୍ଷତିର ପରିମାଣ କମିଛି । ୨୦୨୩ ବର୍ଷର ପୁରସ୍କାର ପାଇଁ ୨୦୨୨ ଜୁଲାଇ ପହିଲାରୁ ମନୋନୟନପତ୍ର ଆହ୍ୱାନ କରାଯାଇଥିଲା । ଏଥିପାଇଁ ଛାପା, ଇଲେକ୍‌ଟ୍ରୋନିକ୍ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା । ଏହାପରେ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କ ପକ୍ଷରୁ ମୋଟ ୨୭୪ଟି ବୈଧ ମନୋନୟନ ସକରାରଙ୍କ ପାଖରେ ପହଂଚିଥିଲା । ପୁରସ୍କୃତ ଦୁଇ ସଂସ୍ଥାଙ୍କ ସଫଳତା ନିମ୍ନରେ ପ୍ରଦାନ କରାଗଲା ୧) ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ (ଓସଡମା) ୧୯୯୨ ମହାବାତ୍ୟା ପରେ ଗଠିତ ହୋଇଥିଲା। ଏହା ସେବେଠାରୁ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଆସୁଛି । ଏହା ଏକ ବିପର୍ଯ୍ୟୟ ମୁକାବିଲା ବାହିନୀ ଓଡ୍ରାଫ ତିଆରି କରିଛି । ଏହା ମଧ୍ୟ ବିବିଧ ବିପଦର ଆଗୁଆ ସୂଚନା ସେବା ବ୍ୟବସ୍ଥା ପ୍ରବର୍ତ୍ତନ କରି ବିପର୍ଯ୍ୟୟ ମୁକାବିଲାରେ ଅତ୍ୟାଧୁନିକ ଟେକ୍‌ନୋଲୋଜି ଉପଯୋଗ କରୁଛି । "ସତର୍କ" ବ୍ୟବସ୍ଥାରେ ଏହା ଲୋକଙ୍କୁ ଆଗୁଆ ପ୍ରାକୃତିକ ବିପଦର ସୂଚନା ଦେଉଛି । ବିଭିନ୍ନ ବାତ୍ୟା ଓ ବନ୍ୟା ସମୟରେ ଓସ୍‌ଡମା ସାହାଯ୍ୟ ଏବଂ ଉଦ୍ଧାର କାର୍ଯ୍ୟ କରି ପ୍ରଶଂସିତ ହୋଇଛି । ରାଜ୍ୟର ୩୮୧ ସୁନାମି ପ୍ରବଣ ଗାଁରେ ଏହା ଗୋଷ୍ଠୀ ପ୍ରତିରୋଧ ବ୍ୟବସ୍ଥା ଗ୍ରହଣ କରିଥିବାବେଳେ ସମୁଦ୍ରକୂଳଠାରୁ ୧.୫% କି.ମି. ଦୂରରେ ୮୭୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ତିଆରି କରିଛି । ୨) ମିଜୋରାମର ଲୁଙ୍ଗଲେଇ ଦମକଳ କେନ୍ଦ୍ର ୨୦୨୬ ଏପ୍ରିଲ ୨୪ରେ ଲାଗିଥିବା ପ୍ରଚଣ୍ଡ ବନାଗ୍ନିକୁ ନିୟନ୍ତ୍ରଣ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ଏହି ଜଙ୍ଗଲଟି ଲୁଙ୍ଗଲେଇ ଟାଉନ ଓ ୧୦ଟି ଗ୍ରାମ ପରିଷଦ ଅଂଚଳକୁ ଘେରି ରହିଛି । ନିଆଁକୁ ଆୟତ୍ତ କରିବା ଫଳରେ ଅନେକ ଧନଜୀବନ ରକ୍ଷା ହୋଇଥିଲା । ନିଆଁ ଲିଭାଇବାକୁ ଦମକଳ କର୍ମଚାରୀଙ୍କୁ ନିରନ୍ତର ୩୨ଘଣ୍ଟା କାମ କରିବାକୁ ପଡିଥିଲା । ଏଥିରେ କୌଣସି ଧନଜୀବନ ହାନି ଘଟି ନ ଥିଲା । ଏହି ଦମକଳ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ବନାଗ୍ନିକୁ ଆୟତ୍ତ କରିବାକୁ ଆବଶ୍ୟକ ତାଲିମ ଓ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି ।





2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Wednsday January 25, 2023 ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ପୁରୁଷ ହକି ବିଶ୍ୱ କପ୍ : ସେମିରେ ଅଷ୍ଟ୍ରେଲିଆ



**ଭୁବନେଶ୍ୱର:** ପୁରୁଷ ହକି ବିଶ୍ୱ କପ୍ ୨୦୨୩ରେ ପ୍ରଥମ ଦଳ ଭାବେ ସେମି ଫାଇନାଲ୍‌ରେ ପହଞ୍ଚିଲା ଅଷ୍ଟ୍ରେଲିଆ। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସ୍ପେନକୁ ୪-୩ ଗୋଲ୍‌ରେ ହରାଇଛି। ଏଥିସହ ସ୍ପେନ ବିଶ୍ୱ କପ୍‌ରୁ ବିଦାୟ ନେଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ଗ୍ରୁପ ପର୍ଯ୍ୟାୟରେ ନିଜ ଗ୍ରୁପରେ ଶୀର୍ଷରେ ରହି ସିଧାସଳଖ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲା।

ପ୍ରଥମ କ୍ୱାର୍ଟରରେ ଦୁଇ ଦଳ ପରସ୍ପରକୁ ଗୋଲ୍ ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ଗୋଲଶୂନ୍ୟରେ ପ୍ରଥମ କ୍ୱାର୍ଟର ସରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ୧୯ତମ ମିନିଟ୍‌ରେ ଜିସପର୍ଟ ଜାଭିୟର ଗୋଲ୍ ଦେଇ ସ୍ପେନକୁ ୧-୦ରେ ଆଗୁଆ କରିଥିଲେ। ପୁଣି ଏହାର ୪ ମିନିଟ୍‌ରେ ସ୍ପେନ ଗୋଲ୍ ଦେଇ ୨-୦ରେ ଆଗୁଆ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ଶେଷ ଆଡକୁ ୨୯ତମ ମିନିଟ୍‌ରେ ଓଲିଗିଭ ଫ୍ଲିନ୍ ଗୋଲ୍ ଦେଇ ଅଷ୍ଟ୍ରେଲିଆକୁ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ସ୍ପେନ ୨-୧ରେ ଆଗୁଆ ରହିଥିଲା।

ତୃତୀୟ କ୍ୱାର୍ଟର ଆରମ୍ଭରୁ ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ୩୧ମ ମିନିଟ୍‌ରେ ଜେଲୱେସ୍କି ଆରନ ଅଷ୍ଟ୍ରେଲିଆ ପକ୍ଷରୁ ଗୋଲ୍ ଦେଇ ମ୍ୟାଚ୍‌କୁ ୨-୨ ସମାନ ସ୍ଥିତିକୁ ଆଣିଥିଲେ। ପୁଣି ୩୨ମ ଏବଂ ୩୬ମ ମିନିଟ୍‌ରେ ହେୱାର୍ଡ ଜେରେମି କ୍ରମାଗତ ଦୁଇଟି ଗୋଲ୍ ଦେଇ ଅଷ୍ଟ୍ରେଲିଆକୁ ୪-୨ ଗୋଲ୍‌ରେ ଆଗୁଆ କରିଥିଲେ। ପୁଣି ୪୦ମ ମିନିଟ୍‌ରେ ମିରାଲେସ୍ ମାର୍କ ସ୍ପେନ ତରଫରୁ ଗୋଲ୍ ଦେଇ ବ୍ୟବଧାନ ୪-୩କୁ କମାଇଥିଲେ। ତୃତୀୟ କ୍ୱାର୍ଟର ସୁଦ୍ଧା ଅଷ୍ଟ୍ରେଲିଆ ମ୍ୟାଚ୍‌ରେ ୪-୩ରେ ଆଗୁଆ ରହିଥିଲା।

ଚତୁର୍ଥ କ୍ୱାର୍ଟରରେ ସ୍ପେନ୍ ଗୋଲ୍ ସୁଝିବାକୁ ବହୁ ଚେଷ୍ଟା କରିଥିଲେ ବି ସଫଳ ହୋଇ ପାରିନଥିଲା। ଅଷ୍ଟ୍ରେଲିଆର ରକ୍ଷାଣାତ୍ମକ ସ୍ପେନକୁ ଗୋଲ୍ କରିବାର ସୁଯୋଗ ଦେଇନଥିଲେ। ଅଷ୍ଟ୍ରେଲିଆ ମିଳିଥିବା ଅଗ୍ରଣୀକୁ ମ୍ୟାଚ୍ ସରିବା ପର୍ଯ୍ୟନ୍ତ ବଜାୟ ରଖି ପାରିଥିଲା। ଚତୁର୍ଥ କ୍ୱାର୍ଟରରେ ଦୁଇ ଦଳ କୌଣସି ଗୋଲ୍ କରି ପାରିନଥିଲେ। ଶେଷରେ ଅଷ୍ଟ୍ରେଲିଆ ପ୍ରଥମ କ୍ୱାର୍ଟର ଫାଇନାଲ୍‌କୁ ୪-୩ରେ ଜିତି ପ୍ରଥମ ଦଳ ଭାବେ ଚଳିତ ପୁରୁଷ ହକି ବିଶ୍ୱ କପ୍‌ରେ ସେମି ଫାଇନାଲ୍‌ରେ ପ୍ରବେଶ କରିଛି।

# ଏଣିକି ମହିଳା ଆଥଲେଟିକ୍ସ ବର୍ଗରେ ସାମିଲ୍ ହୋଇ ପାରିବେ କିନ୍ନର କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୨୪/୧୦:** ଦୌଡ଼ ପ୍ରତିଯୋଗିତା ତଥା ଅନ୍ୟାନ୍ୟ ଖେଳରେ ସାମିଲ୍ ହୋଇପାରିବେ କିନ୍ନର କ୍ରୀଡ଼ାବତ୍। ଏନେଇ ବିଶ୍ୱ ଆଥଲେଟିକ୍ସ ଏକ ପ୍ରସ୍ତାବ ରଖିଛି। ଏହି ପ୍ରସ୍ତାବ ଅନୁଯାୟୀ କିନ୍ନର କ୍ରୀଡ଼ାବିତ୍‌ମାନେ ମହିଳା ବର୍ଗରେ ସାମିଲ୍ ହୋଇ ଭାଗ ନେଇପାରିବେ। ଏହାକୁ ନେଇ ୱାର୍ଲ୍ଡ ଆଥ୍‌ଲେଟିକ୍ସ ବିଭିନ୍ନ ଫେଡେରେସନଙ୍କ ସହ ପରାମର୍ଶ ପ୍ରକ୍ରିୟା ଆରମ୍ଭ କରିଛି। ଏହି ପ୍ରସ୍ତାବ ଗତ ବର୍ଷ କିନ୍ନର ଆଥଲିଟ୍‌ଙ୍କ ଉପରେ ଲଗିଥିବା ଏକ ବ୍ୟାନ୍ ଉପରେ ରହିଛି। ତେବେ ଏହାକୁ ନେଇ ଅନ୍ତିମ ନିଷ୍ପତ୍ତି ଆସିନାହିଁ। ବିଶ୍ୱ ଆଥ୍‌ଲେଟିକ୍ସ କହିଛି ନିୟମରେ କଡ଼ା କରାଯାଇପାରେ କିନ୍ତୁ ବ୍ୟାନ୍‌କୁ ସଂପୂର୍ଣ୍ଣ ଭାବରେ ଲାଗୁ କରାଯାଇପାରିବନାହିଁ। ରିପୋର୍ଟ ଅନୁଯାୟୀ, ଏହା ଏକ ଅସ୍ଥାୟୀ ଭାବରେ ରହିବ। ଯାହା କିନ୍ନର ଏବଂ ଲିଙ୍ଗ ବିଭେଦ ଥିବା ଆଥଲିଟ୍‌ଙ୍କୁ ଖେଳ ଜାରି ରଖିବାକୁ ବିକଳ୍ପ ଦେବ। ଏହା ଏହି ଖେଳାଳିମାନଙ୍କୁ ନିର୍ଦ୍ଦିଷ୍ଟ ଖେଳ ପାଇଁ ଆବଶ୍ୟକତା ଥିବା ଶାରୀରିକ ଗଠନର ଆବଶ୍ୟକତାକୁ ହ୍ରାସକରିବ। ଏହା କିନ୍ନର ଖେଳାଳିଙ୍କ ଶରୀରରେ ଥିବା ପ୍ଲାଜମା ଟେଷ୍ଟୋଷ୍ଟିରନ ସ୍ତରକୁ ବର୍ତ୍ତମାନ ଥିବା 5 nmol/L ରୁ ଅଧା କରି 2.5 nmol/L କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଗତ ବର୍ଷ ବ୍ରିଟିଶ ଟ୍ରାଇଆଥଲନ୍ ପ୍ରଥମ ଥର ପାଇଁ ମହିଳା ବର୍ଗରେ କିନ୍ନର ଆଥଲିଟ୍‌ଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଥିଲା। ସେହିଭଳି ସ୍ୱିମିଂ ଇଣ୍ଟରନାସନାଲ ଫେଡେରେସନ ଫିନା ମଧ୍ୟ ମହିଳା ବର୍ଗରେ କିନ୍ନର ଆଥ୍‌ଲିଟ୍‌ଙ୍କୁ ସାମିଲ୍ କରିବା ଉପରେ ବ୍ୟାନ୍ ଲଗାଇଥିଲା। ପ୍ରଥମ ଅନ୍ତର୍ଜାତୀୟ ଫେଡେରେସନ ଭାବରେ ବିଶ୍ୱ ରଗ୍‌ବୀ ୨୦୨୦ ରେ ପ୍ରଥମ ଥର ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାରେ ଭାଗ ନେଇପାରିବେନି ବୋଲି ଘୋଷଣା କରିଥିଲା। ତେବେ ଏବେବି ଏହାକୁ ନେଇ ବିତର୍କ ଜାରି ରହିଛି ଯେ ମହିଳା ବର୍ଗରେ କିନ୍ନର କ୍ରୀଡ଼ାବିତ୍‌ଙ୍କୁ ଖେଳାଯିବା ଉଚିତ୍ କି ନାହିଁ ? ଅନେକ ଗବେଷଣାରେ ଜଣାପଡ଼ିଛି ପୁରୁଷମାନେ ଯୁବାବସ୍ଥା ଲାଭ କରିବାଦ୍ୱାରା ସେମାନଙ୍କଠାରେ ମାଂସପେଶୀ ବିକଶିତ ହୋଇଥାଏ ତଥା ଅନ୍ୟାନ୍ୟ ପରିବର୍ତ୍ତନ ହୋଇଥାଏ ଯାହା ସହାୟକ ହୋଇଥାଏ। ଅବଶ୍ୟ ଟ୍ରାନ୍ସ ଆଥଲିଟ୍‌ଙ୍କୁ ଅନେକ ହର୍ମନ୍ ଥେରାପୀ ଦ୍ୱାରା ଟେଷ୍ଟାଷ୍ଟେରନ୍‌କୁ ହ୍ରାସ କରିବାକୁ ପଡ଼ିଥାଏ।

# କୋହଲିଙ୍କ ରେକର୍ଡ ଭାଙ୍ଗିଲେ ଗିଲ



**ଇନ୍ଦୋର,୨୪।୧:** ଚଳିତ ବର୍ଷ ଭାରତରେ ଆଇସିସି ଦିନିକିଆ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ ନେଇ ଖେଳାଳିଙ୍କ ଦିନିକିଆରେ ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବର୍ଷ ଆରମ୍ଭରୁ ଜଣଙ୍କ ପରେ ଜଣେ ଭାରତୀୟ ଖେଳାଳି ନିଜ ପ୍ରଦର୍ଶନକୁ ନେଇ ଚର୍ଚ୍ଚାରେ ରହୁଛନ୍ତି। ଏହି ତାଲିକା ଶୀର୍ଷରେ ଅଛନ୍ତି ବ୍ୟାଟ୍ସମ୍ୟାନ୍ ଶୁଭମନ ଗିଲ। ନୂତନ ବର୍ଷରେ ଏଯାବତ ୩ ଶତକ ମାରିଥିବା ବେଳେ ସେଥିରୁ ଗୋଟିଏକୁ ଦ୍ୱିଶତକରେ ମଧ୍ୟ ସେ ପରିଣତ କରିଥିଲେ। ମଙ୍ଗଳବାର ଇନ୍ଦୋରରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଗିଲ ନିଜର ଚତୁର୍ଥ ଦିନିକିଆ ଶତକ ପୂରଣ କରିଥିବା ବେଳେ ବିରାଟ କୋହଲିଙ୍କ ଏକ ସ୍ୱତନ୍ତ୍ର ରେକର୍ଡ ଭାଙ୍ଗିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ଗିଲ ବିସ୍ଫୋରକ ବ୍ୟାଟିଂ କରି ୭୮ ବଲ୍‌ରେ ୧୧୨ ରନ୍‌ର ଇନିଂସ ଖେଳିଛନ୍ତି। ଏଥିରେ ୫ ଛକା ଏବଂ ୧୩ ଚୌକା ରହିଥିଲା। ଗିଲ ନିଜର ଚତୁର୍ଥ ଦିନିକିଆ ଶତକ ସହ କୋହଲିଙ୍କ ରେକର୍ଡ ଭାଙ୍ଗିଛନ୍ତି। ଗିଲ ଏବେ ତିନି ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ସର୍ବାଧିକ ରନ୍ ସ୍କୋର କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ପାଲଟିଛନ୍ତି। ଗିଲ୍ କୋହଲିଙ୍କ ଏହି ରେକର୍ଡ ଭାଙ୍ଗିବାରୁ ୩୬ ରନ୍ ଦୂରରେ ଥିଲେ, ଯାହାକୁ ସହଜରେ ସେ ହାସଲ କରିଛନ୍ତି। ଏହା ବ୍ୟତୀତ ଗିଲ ବର୍ତ୍ତମାନ ଦିନିକିଆ ସିରିଜରେ ୩୬୦ ରନ୍ ସ୍କୋର କରି ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ସମକକ୍ଷ ହୋଇଛନ୍ତି। ବାବର ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୩୬୦ ରନ୍ କରିଥିଲେ। ଗିଲ ଆଉ ଗୋଟିଏ ରନ୍ ସ୍କୋର କରିଥିଲେ ବାବରଙ୍କ ଏହି ରେକର୍ଡ ମଧ୍ୟ ଭାଙ୍ଗିଥାନ୍ତେ ବୋଲି କୁହାଯାଉଛି।

# ପଣ୍ଟିଂଙ୍କ ସମକକ୍ଷ ହେଲେ ରୋହିତ



**ଇନ୍ଦୋର,୨୪।୧:** ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଖେଳାଯାଉଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ଗର୍ଜିଛି ହିଟ୍‌ମ୍ୟାନ୍ ତଥା ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟ୍। ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ସେ ବିସ୍ଫୋରକ ଇନିଂସ ଖେଳି ନିଜ କ୍ୟାରିୟରର ୩୦ତମ ଦିନିକିଆ ଶତକ ପୂରଣ କରିଛନ୍ତି। ଏପରି କରିବାରେ ସେ ଦିନିକିଆ ଇତିହାସର ଚତୁର୍ଥ ଖେଳାଳି ପାଲଟିଛନ୍ତି।

ମ୍ୟାଚ୍ ଆରମ୍ଭରୁ ଫର୍ମରେ ନଜର ଆସିଥିଲେ ରୋହିତ। ସେ ୪୧ ବଲରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ପରେ ସେ ୮୫ ବଲ୍‌ରେ ୧୦୧ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ଇନିଂସରେ ୬ ଛକା ଏବଂ ୯ ଚୌକା ଥିଲା। ଏହି ସମୟରେ ସେ ଅନ୍ୟତମ ଓପନର ଶୁଭମନ ଗିଲଙ୍କ ସହ ପ୍ରଥମ ଉଇକେଟ ପାଇଁ ୨୧୨ ରନ୍‌ର ଭାଗିଦାରୀ କରିବାରେ ସଫଳ ହୋଇଥିଲେ।

ତେବେ ରୋହିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୩୦ ଶତକ ମାରିଥିବା ଚତୁର୍ଥ ଖେଳାଳି ପାଲଟିଛନ୍ତି। ବହୁତ ଅପେକ୍ଷା ପରେ ୨୦୦୭ରୁ ୨୦୨୩ ମଧ୍ୟରେ ୨୪୧ ମ୍ୟାଚ୍‌ରେ ସେ ଏହି କାରନାମା କରିବାରେ ସଫଳ ହୋଇଛନ୍ତି। ଏହି ମାମଲାରେ ସେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କ ସମକକ୍ଷ ହୋଇଛନ୍ତି। ରୋହିତଙ୍କ ବ୍ୟତିତ ସଚିନ ତେନ୍ଦୁଲକର(୪୯ ଶତକ) ସହ ଶୀର୍ଷରେ ଅଛନ୍ତି। ତାଙ୍କ ପରେ ବିରାଟ କୋହଲି(୪୬ ଶତକ) ସହ ଦ୍ୱିତୀୟ, ରିକି ପଣ୍ଟି(୩୦ ଶତକ) ସହ ତୃତୀୟ ସ୍ଥାନରେ ରହିଛନ୍ତି।

# ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡାରେ ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୬ ତମ ଜୟନ୍ତୀ ପାଳନ ହୋଇଯାଇଛି । ସ୍ଥାନୀୟ ପ୍ରେସ କ୍ଲବ ଠାରେ ଆୟୋଜିତ ଏହି ଜୟନ୍ତୀ ଉତ୍ସବରେ କମିଟିର ଆବାହକ ଡ଼ଃ ବାସୁଦେବ ଦାସଙ୍କ ଅଧ୍ୟକ୍ଷତା କରିଥିଲେ । ଏଥିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ପ୍ରକାଶ ଚନ୍ଦ୍ର ଗ୍ରହାଚାର୍ଯ୍ୟ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, କମିଟିର ଆବାହକ ସଂପାଦକ ପବିତ୍ର ମୋହନ ପଟ୍ଟନାୟକ, ପ୍ରାକ୍ତନ ଅଧ୍ୟାପକ ଅଜୟ କୁମାର ସାମଲ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ଼ଃ ଅମୀୟ କୁମାର ମହାନ୍ତି, ହେମନ୍ତ କୁମାର ଜେନାଙ୍କ ସହ ଏଲିନା ସାମନ୍ତରାୟ, ହୀରାମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲ୍ଲା ସ୍ତରୀୟ ସାମୂହିକ ଔଷଧ ସେବନ ସମ୍ପର୍କିତ ବୈଠକ ଅନୁଷ୍ଠିତ

**କନ୍ଧମାଳ,(ପିଏନ)-** ସାମୁହିକ ଔଷଧ ସେବନ ଉପରେ ଅଲୋଚନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍‌ଙ୍କ ଅଧ୍ୟକ୍ଷତାରେ ପ୍ରଥମ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଆଲୋଚନାରୁ ଜଣାପଡ଼ିଛି ଯେ, ମ୍ୟାଲେରିଆ ପରି ଫାଇଲେରିଆ ମଧ୍ୟ ଏକ ମଶାବାହିତ ରୋଗ । ଏହି ରୋଗ ଏକ କ୍ଷୁଦ୍ର ପରଜୀବୀ କୀଟାଣୁର ସଂକ୍ରମଣ ଯୋଗୁଁ ହୋଇଥାଏ । ମାଇ କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରାଏହି କୀଟାଣୁ ଜଣଙ୍କ ଦେହରୁ ଅନ୍ୟ ଜଣଙ୍କୁ ସଂକ୍ରମଣ ହୋଇଥାଏ । ଫାଇଲେରିଆ ହେଲେ ଗୋଡ଼, ହାତ ଫୁଲିଯାଏ । ବେଳେ ବେଳେ ପୁରୁଷ ଲୋକର ଅଣ୍ଡକୋଷ ଫୁଲିଯାଏ ଏବଂ ସ୍ତ୍ରୀ ଲୋକଙ୍କ ସ୍ତନ ଫୁଲି ଯନ୍ତ୍ରଣା ହୁଏ । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲାର କେତେକ ଗ୍ରାମରେ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କରାଯାଉଛି ଏବଂ ଜିଲ୍ଲାରେ ଫାଇଲେରିଆ ରୋଗର ସଂକ୍ରମଣ ଅଛି ବୋଲି ଜଣାପଡ଼ିଛି । ତେଣୁ ଜିଲ୍ଲାରୁ ଫାଇଲେରିଆ ନିରାକରଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୦ ଫେବୃଆରୀ, ୨୦୨୩ ରୁ ୧୯ ଫେବୃଆରୀ, ୨୦୨୩ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ । ବିଗତ ଦିନ ମାନଙ୍କରେ ଏହି ଔଷଧ ଘର ଘର ବୁଲି ବିତରଣ କରାଯାଉଥିଲା । ମାତ୍ର ଦେଖାଗଲା ପ୍ରାୟ ଲୋକ କୌଣସି ନା କୌଣସି କାରଣରୁ ଏହାକୁ ସେବନ କରୁ ନ ଥିଲେ । ଫଳରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହେଉନଥିଲା । କିନ୍ତୁ ଏବେ ଔଷଧ ସେବନ କରାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ଡି.ଇ.ସି. ବଟିକା ସହିତ ଆଲ୍ବେଣ୍ଡାଜଲ୍ ବଟିକାର ଗୋଟିଏ ମାତ୍ରା ନିଶ୍ଚୟ ଖାଇବାକୁ ଅନୁରୋଧ କରାଯାଉଛି । କେବଳ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା, ଅତିଶୟ ରୁଗ୍ଣ ବ୍ୟକ୍ତି ବେଶେଷଙ୍କୁ ଏହି ଔଷଧ ସେବନରୁ ବାଦ୍ ଦିଆଯିବ । ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାର ଜନସାଧାରଣ, ଜିଲ୍ଲାର ପ୍ରତ୍ୟେକ ୱାର୍ଡ଼ ମେମ୍ବର, ସମାଜସେବୀ, ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ଏହି ବଟିକା ସେବନ ସମ୍ପୂର୍ଣ୍ଣ ନିରାପଦ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ପ୍ରକାଶ କରିଛନ୍ତି ।

ଜିଲ୍ଲାର ସମୁଦାୟ ୪ହଜାର ୧୭ଟି ଗ୍ରାମ ଓ ୩ଟି ସହରାଞ୍ଚଳରେ ଔଷଧ ସେବନ କରାଇବା କାର୍ଯ୍ୟକ୍ରମରେ ୧୨ଗୋଟି ସି.ଏଚ୍.ସି., ୧୭୧ଗୋଟି ସବ୍ ସେଣ୍ଟର, ୩୨୦ଜଣ ସୁପର୍ଭାଇଜର୍ ଓ ୩ ହଜାର ୨୮୮ଜଣ ଡ୍ରଗ୍ ଆଡ୍ମିନିଷ୍ଟ୍ରେଟର୍ ସହଯୋଗ କରିବେ ବୋଲି ଜଣାପଡ଼ିଛି । ବଟିକା ନଖାଇଲେ ଗୋଟିଏ ସୁସ୍ଥ ଲୋକ ମଶା ମାଧ୍ୟମରେ ସଂକ୍ରମିତ ହେବାର ସମ୍ଭାବନା ରହିଛି ଏବଂ ଏହି ରୋଗ ମଣିଷକୁ ଲେପ୍ରୋସି ଭଳି ସମ୍ପୂର୍ଣ୍ଣ ବିକଳାଙ୍ଗ କରିଦେଇପାରେ ବୋଲି ଡା. ପ୍ରଭାକର ସାହୁ ପ୍ରକାଶ କରିଥିଲେ । ଏହାର ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଭୟ ନ କରି ବଟିକା ଖାଇବା ପାଇଁ ସେ ଅନୁରୋଧ କରିଥିଲେ । ସେହିପରି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜୋନାଲ୍ କୋଡ଼ିନେଟର୍ ଡା.ଶ୍ୟାମବନ୍ଧୁ ରଥ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର୍ ଶ୍ରୀ ମନୋରଞ୍ଜନ ସାହୁ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶ୍ରୀ କୁମୁଦ ଚନ୍ଦ୍ର ସାହୁ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର,ଡା.ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସମେତ ସଂପୃକ୍ତ ବିଭାଗୀୟ ସରକାରୀ ପଦାଧିକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଅନ୍ୟାନ୍ୟ ଅନୁଷ୍ଠାନର ମୁଖ୍ୟମାନେ ଯୋଗଦେଇଥିଲେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray